## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟ ଚୋରି ଅଭିଯୋଗ

ରସୁଲପୁର,୨୬।୬(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ମଠସାହି ବିଦ୍ୟୁତ ସେକ୍ସନ ଅଞ୍ଚଳରୁ ଲୁହା ବିଦ୍ୟୁତ ଖୁଣ୍ଟ ଚୋରି ହୋଇଥିବା ନେଇ ସୋମବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି । ସେକ୍ସନ ଅଧିକାରୀ ଦାଶରଥୀ ନାୟକ ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗ ଆଧାରରେ ପୋଲିସ ବିଦ୍ୟୁତ ଖୁଣ୍ଟ ଖଣ୍ଡ ବୋଝେଇ ଅଟୋରିକ୍ସା ଜବତ କରିବା ସହ ତଦନ୍ତ ଜାରି ରଖିଛି ।

ମଧୁବନ ଅଞ୍ଚଳର ଜଣେ ବ୍ୟକ୍ତି ଲୁହା ବିଦ୍ୟୁତ ଖୁଣ୍ଟଗୁଡିକୁ କାଟି କବାଡିଆ ଦୋକାନରେ ବିକ୍ରୀ କରି ଅର୍ଥ ରୋଜଗାର କରୁଥିଲେ । ଏ ନେଇ ବିଦ୍ୟୁତ ବିଭାଗ ନିକଟରେ ଖବର ପହଞ୍ଚି ଥିଲା । ସୋମବାର ସମ୍ପୃକ୍ତ ବ୍ୟକ୍ତି ଘରେ ଗଚ୍ଛିତ ରଖିଥିବା ବିଦ୍ୟୁତ ଖୁଣ୍ଟର ଖଣ୍ଡଗୁଡିକୁ ଚାଲାଣ କରିବା ପାଇଁ ଏକ ଅଟୋରେ ବୋଝେଇ କରିଥିଲେ। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ସୂଚନା ପହଞ୍ଚି ଥିଲା । ସେହି ଅଟୋ କଟାଯାଇଥିବା ବିଦ୍ୟୁତ୍ ଖୁଣ୍ଟ ନେଇ କବାଡିଆ ଦୋକାନକୁ ଯାଉଥିବା ବେଳେ ଦୋଲମୁଣ୍ଡାଇ ବଜାର ନିକଟରେ ବିଦ୍ୟୁତ କର୍ମଚାରୀମାନେ ସେହି ଅଟୋକୁ ଅଟକାଇଥିଲେ । ଏହି ସୁଯୋଗରେ ଅଟୋରୁ କବାଡିଆ ଦୋକାନୀ ଚମ୍ପଟ ମାରିଥିଲେ । ଅଟୋ ଚାଳକଙ୍କୁ ଅଟକାଇ କର୍ମଚାରୀମାନେ ପୋଲିସକୁ ଖବର ଦେଇଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ନାବାଳିକା ଉଦ୍ଧାର ସହ ଅପହର୍ତ୍ତା ଅଟକ

ପାଣିକୋଇଲି,୨୬।୬(ବିକାଶ କୁମାର ମଲ୍ଲିକ): ପାଣିକୋଇଲି ପୋଲିସ ଅଭିଯୋଗର ୫ ମାସ ପରେ ଜଣେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହର୍ତ୍ତାଙ୍କୁ ଗିରଫ କରିଛି । ଗତ ଜାନୁୟାରୀ ୨୬ରେ ଶଙ୍ଖଚିଲା ଫାଣ୍ଡି ତଥା ଖମଣ ପଞ୍ଚାୟତ ଠାକୁର ପାଟଣା ଗ୍ରାମର ଜଣେ ନାବାଳିକା ସ୍କୁଲକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ଏନେଇ ତାଙ୍କ ମା' ଶଙ୍ଖଚିଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । କାଦଡିହ କାଳିଆପାଳ ଗ୍ରାମର ଟୁନା ଜେନା ତାଙ୍କ ଝିଅଙ୍କୁ ନେଇ ଯାଇଥିବା ନେଇ ଶଙ୍ଖଚିଲାର ଦୁଇଟି ଦୋକାନରେ ଲାଗିଥିବା ସିସିଟିଭିରୁ ଜଣାପଡିଥିଲା । ଟୁନା ପୂର୍ବରୁ ବିବାହିତ ଥିଲେ । ହେଲେ ସମ୍ପୃକ୍ତା ଛାତ୍ରୀଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୯/୨୩) ରୁଜୁ କରାଯାଇଥିଲା । ମଙ୍ଗଳବାର ସମ୍ପୃକ୍ତା ନାବାଳିକାଙ୍କ ବୟାନ କୋର୍ଟରେ ରେକର୍ଡ କରାଯିବ । ଟୁନାଙ୍କୁ ଅଦାଲତ ଚାଲାଣ କରାଯିବ ବୋଲି ସୂଚନା ମିଳିଛି ।

### ରକ୍ତଦାନ ଶିବିର ସଫଳ ପାଇଁ ପ୍ରସ୍ତୁତ

ଯାଜପୁରରୋଡ,୨୬।୬(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଜନ୍ମଦିନ ପରିପ୍ରେକ୍ଷୀରେ ଆସନ୍ତା ୨୮ରେ ବ୍ୟାସନଗର ସହରର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କୋରେଇ ନିର୍ବାଚନମଣ୍ଡଳୀସ୍ତରୀୟ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ସୋମବାର କୋରେଇ ବିଧାୟକ ଅଶୋକ କୁମାର ବଳ ବ୍ୟାସନଗର ମହାବିଦ୍ୟାଳୟରେ ପହଞ୍ଚି ଏ ସଂକ୍ରାନ୍ତରେ ସ୍ଥିତି ଏବଂ ଆନୁସଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ।

### କୁଳଡିହାରୁ ବନ୍ଧୁକ ସହ ୨ ଶିକାରୀ ଗିରଫ

ନୀଳଗିରି, ୨୬।୬(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା କୁଳଡ଼ିହା ଅଭୟାରଣ୍ୟରୁ ରବିବାର ରାତିରେ ବନ ବିଭାଗ ବନ୍ଧୁକ ସହ ୨ ଶିକାରୀଙ୍କୁ ଗିରଫ କରିଛି। ରେଞ୍ଜର ଅନନ୍ତ କୁମାର ଜେନା ଓ ସବୁଜ ବାହିନୀ ପକ୍ଷରୁ ପାଟ୍ରୋଲିଂ ବେଳେ କୁଲଡ଼ିହା ସେକ୍ସନ୍ ଅଧୀନ ଭରତଟାଙ୍ଗା ଛକ ନିକଟରେ ୨ ଶିକାରୀଙ୍କୁ ଧରିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୨୦ଟା ଶିଷା ଗୁଳି, କଳା ବାରୁଦ, ନାଲି ବାରୁଦ, ଛୁରୀ, ଫାସ, ଦିଆସିଲ ଜବତ ହୋଇଛି। ଗିରଫ ଶିକାରୀଦ୍ୱୟ ନୀଳଗିରି ଥାନା ଅଧୀନ ଜଡ଼ିବାଲିର ଉଦୟ ଧଣିକା (୪୭) ଓ ବରହମପୁର ଥାନା ଅଧୀନ ବାଲିଚୁଆ ଗ୍ରାମର ଅଜୟ ସିଂ (୪୫) ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

# ନିଶା ଜୀବନକୁ ବିପଥଗାମୀ କରାଏ

ବଡ଼ଚଣା,୨୬।୬
(ଦିଲ୍ଲୀପ କୁମାର ମହାନ୍ତି)



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ସୋମବାର ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ତଥା ଅବୈଧ ନିଶା କାରବାର ବିରୋଧରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଯୁବ ରେଡ଼କ୍ରସ ସଂଯୋଜକ ଅଧ୍ୟାପକ ସତ୍ୟପ୍ରକାଶ ନାୟକ ଓ ସଂଯୋଜିକା ଅଧ୍ୟାପିକା ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ମୋହନ ମାହାଲା ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶା ଜୀବନକୁ ବିପଥଗାମୀ କରାଇଥାଏ । ନିଶା କେବଳ ଶାରୀରିକ କିମ୍ବା ମାନସିକ ଭାବେ ନୁହେଁ ବରଂ ଏହା ପାରିବାରିକ ଓ ସାମାଜିକ ଜୀବନକୁ ନଷ୍ଟ କରିଥାଏ। ମାଦକ ଦ୍ରବ୍ୟ ସେବନକୁ ପ୍ରଭାବରେ କେବଳ ଭାରତ ନୁହେଁ ପୁରା ବିଶ୍ୱ କବଳିତ । ସମ୍ପ୍ରତି ବହୁ ସଂଖ୍ୟାରେ ଯୁବପିଢ଼ୀ ନିଶାର ଶିକାର ହୋଇ ନିଜ ଭବିଷ୍ୟତ ନଷ୍ଟ କରୁଛନ୍ତି। ଯୁବତୀ ଓ ମହିଳାମାନେ ମଧ ଏଥିଯୋଗୁ ନିର୍ଯାତନାର ଶିକାର ହେଉଛନ୍ତି। ତେଣୁ ନିଶା ଭଳି ପଦାର୍ଥର ଅବୈଧ ବେପାର ରୋକିବା ଏହି ଦିନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଲେଜର ଛାତ୍ରୀଛାତ୍ରମାନଙ୍କ ଏକ ସଚେତନତା ଶୋଭାଯାତ୍ରା ବଜାର ପରିକ୍ରମା କରିବା ସହିତ ନିଶା ସେବନ ଜୀବନକୁ କି ଭଳି ନଷ୍ଟ କରୁଛି ଏହା ଉପରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଏଥିସହିତ ଜୀବନରେ କେବେ ନିଶା ସେବନ କରିବେ ନାହିଁ ବୋଲି

### ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ

ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ଏଥିରେ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ବ୍ରଜକିଶୋର ସ୍ୱାଇଁ, ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ଅଧ୍ୟାପିକା ରଞ୍ଜିତା ସ୍ୱାଇଁ , ଡ଼ ଅମ୍ବିକା ତ୍ରିପାଠୀ , ନିରୁପମା ସ୍ୱାଇଁ, ଶ୍ରାବଣୀ କନ୍ୟା ସ୍ୱାଗତିକା, ଗୀତାଞ୍ଜଳୀ ମହାନ୍ତି, ଶୁଭଶ୍ରୀ ସାହୁ, ଈଶ୍ୱିତା ସାହୁ, ଦୀପା ପ୍ରିୟଦର୍ଶିନୀ ଅଧ୍ୟାପକ ପ୍ରଦୀପ କୁମାର ବରାଳ, ଡ଼ ଭାଗ୍ୟଧର ନାୟକ, ଡ଼ ସାମୁଏଲ ଲିମା, ଦୀପକ ଦାସ, କିଶୋର କୁମାର ସାହୁ, ନାରାୟଣ ଚନ୍ଦ୍ର ମୁଦୁଲି, ଶାନ୍ତନୁ ରାଉତରାୟ, ଦୀପକ ମିଶ୍ର, ଶମ୍ଭୁନାଥ ହେମ୍ବ୍ରମ, କ୍ରୀଡ଼ା ଶିକ୍ଷକ ଅଶୋକ ଖୁଣ୍ଟିଆ, ସରସୀମା ରାଉତ ପ୍ରମୁଖ ଯୋଗଦେଇ ନିଶା ସେବନ ଓ ନିଶା କାରବାର ଉଭୟଙ୍କର ପରିଣାମରୁ ନିବୃତ ରହିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ।

# ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ଜାମିନ

ଧର୍ମଶାଳା,୨୬।୬(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ସାରୋଇ ମୌଜାରେ ଗତ ୧୪ ତାରିଖରେ ବେଆଇନ ଭାବେ ମାଟି ଉଠାଣ ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ସୋମବାର ଜାମିନ ମିଳିଛି । ସେ ସନ୍ଧ୍ୟାରେ ଜେଲରୁ ମୁକୁଳିଛନ୍ତି।

ସୂଚନା ଅନୁଯାୟୀ, ସାରୋଇ ମୌଜାର ଏକ ସରକାରୀ ଜାଗାରୁ ଗତ ୧୩ତାରିଖରେ ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ତଥା ଭାଜପା ନେତା ବେହୁରା ଏହି ମୌଜାରେ ଥିବା ତାଙ୍କ ଜମିରେ ମାଟି ପକାଉଥିଲେ । ଏ ସମ୍ପର୍କରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଖବର ପାଇ ନେଉଳପୁର ଆରଆଇ ବିରଞ୍ଚି ନାରାୟଣ ବୋଇତେଇ ଓ ବଳରାମପୁର-୨ ଆରଆଇ ଚନ୍ଦନ କୁମାର ସାହୁ ପ୍ରମୁଖଙ୍କୁ ସାଙ୍ଗରେ ନେଇ ସେଠାରେ ଚଢାଉ କରିଥିଲେ । ଚଢାଉ ସମୟରେ ସେଠାରେ କାମ କରୁଥିବା ଶ୍ରମିକ ଓ ଟ୍ରାକ୍ଟର ଡ୍ରାଇଭରମାନେ ଚମ୍ପଟ ମାରୁଥିବା ବେଳେ ତହସିଲଦାର ଓ ତାଙ୍କ ସହକର୍ମୀମାନେ ସେମାନଙ୍କୁ କାବୁ କରିବା ପାଇଁ ପଛରେ ଧାଇଁଥିଲେ । ଏହି ସମୟରେ ସେ ନିଜର ସହକର୍ମୀଙ୍କ ସହାୟତାରେ ୫ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ । ପରବର୍ତ୍ତୀ ସମୟରେ ଧର୍ମଶାଳା ପୋଲିସ ସହାୟତାରେ ସେ ସେଠାରୁ ୫ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନ ଜବତ କରି ଥାନାକୁ ଆଣିଥିଲେ । ବେଆଇନ ମାଟି ଉଠାଣକୁ ନେଇ ତହସିଲଦାର ଦାସ ଟ୍ରାକ୍ଟର ଡ୍ରାଇଭର ଓ ଜମି ମାଲିକ ବେହୁରାଙ୍କ ବିରୋଧରେ ଧର୍ମଶାଳା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୩୮୪/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଚଳିତମାସ ୧୪ ତାରିଖ ସକାଳୁ ଜମିମାଲିକ ବେହୁରାଙ୍କୁ ତାଙ୍କ ଘରୁ ଉଠାଇ ନେଇ ଗିରଫ କରିଥିଲା । ଗିରଫ ପରେ ପୋଲିସ ସେଦିନ ବେହୁରାଙ୍କ ସମେତ ୬ଜଣଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିଲା । ସେଠାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଥିଲା । ଗତ ୧୯ ତାରିଖରେ ତାଙ୍କର ଜାମିନ ଆବେଦନ ହୋଇଥିବା ବେଳେ ତାହା ନାମଞ୍ଜୁର ହୋଇଥିଲା । ସୋମବାର ପୁଣିଥରେ ଚଣ୍ଡିଖୋଲ କୋର୍ଟରେ ତାଙ୍କର ଜାମିନ ଆବେଦନ ହେବା ପରେ କୋର୍ଟ ତାହା ମଞ୍ଜୁର କରିଥିଲେ । ଏହାପରେ ରଗଡ଼ିସ୍ଥିତ ଜେଲରୁ ବେହୁରା ମୁକୁଳିଛନ୍ତି ।

# ବାଲିଚନ୍ଦ୍ରପୁର ବଜାରରେ ଅବାଧରେ ଚାଲିଛି ଜୁଆଖେଳ

ବାଲିଚନ୍ଦ୍ରପୁର,୨୬।୬
(ଗିରିଜା ପ୍ରସାଦ ସାହୁ)

ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅଧୀନ ବାଲିଚନ୍ଦ୍ରପୁର ବଜାରରେ ଦୈନିକ ଚାଲିଛି ଜୁଆଖେଳ। ଏଥିଯୋଗୁ ଯୁବ ଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି । ବାଲିଚନ୍ଦ୍ରପୁର ବଜାରଟି ଏକ ବ୍ୟବସାୟ ପେଣ୍ଠସ୍ଥଳୀ । ବଜାରର ଚାରି ପାଖରେ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, ବ୍ୟାଙ୍କ ଓ ଅନ୍ୟାନ୍ୟ ଅଫିସ ରହିଛି। ବିଶେଷ କରି କଲେଜ ପଢୁଆ ଯୁବ ବର୍ଗ ଓ ବଜାରରେ ବେପାର କରୁଥିବା ଖୁଚୁରା ବ୍ୟବସାୟୀମାନେ ଏହି ଜୁଆ ଖେଳରେ ସମ୍ପୃକ୍ତ ହେଉଥିବା ଦେଖିବାକୁ ମିଳୁଛି । ହେଲେ ପୋଲିସ ଏ ସଂକ୍ରାନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ପଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାର କୁଆଁପାଳ ରୋଡ଼ର ବାଲିଚନ୍ଦ୍ରପୁର ବଜାର ନୂଆ ବ୍ରିଜ ନିକଟ ରାସ୍ତା ଉପରେ ବାଉଁଶ ଓ ଜରିପାଲରେ ନିର୍ମିତ ଏକ ଅସ୍ଥାୟୀ ଗୃହରେ ଏହି ଖେଳ ଚାଲୁଛି। ଏପରି


ଏହି ଅସ୍ଥାୟୀ ଘରେ ଚାଲିଛି ଜୁଆ ଖେଳ ।

କି ଜଳ ସମ୍ପଦ ବିଭାଗ ଜମି ଓ ପୂର୍ତ୍ତ ବିଭାଗ ରାସ୍ତାରେ ଜଣେ ବ୍ୟକ୍ତି ଉକ୍ତ ଅସ୍ଥାୟୀ ଗୃହ ନିର୍ମାଣ କରି ଜୁଆ ବେପାରୀଙ୍କୁ ଭଡ଼ା ସୂତ୍ରରେ ଦେଇଥିବା ଶୁଣିବାକୁ ମିଳୁଛି। ସେଠାରେ ପ୍ରତିଦିନ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଜୁଆଡ଼ିମାନଙ୍କ ଭିଡ଼ ଜମୁଛି । ଯୁବଗୋଷ୍ଠୀ ଘରୁ ଖର୍ଚ୍ଚ କରିବା ପାଇଁ ଆଣିଥିବା ଟଙ୍କା ଜୁଆରେ ଲଗାଇ ଅଧିକ ଲାଭବାନ ଆଶାରେ ଏହି ଖେଳ ଖେଳୁଛନ୍ତି । ମାତ୍ର ଜୁଆ ବେପାରୀ ସମସ୍ତଙ୍କଠାରୁ ଚତୁରତାର ସହ ଟଙ୍କା ଲୁଟି ନେଉଥିବା ଚର୍ଚ୍ଚା ହେଉଛି। ଏଥିରେ ଖେଳାଳୀମାନେ ହତାଶ ହୋଇ ଫେରୁଥିବା ବେଳେ ବେପାରୀ ମାଲାମାଲ ହେଉଛନ୍ତି । ଏପରି ଖେଳ ଗତ ୪ ମାସ ହେବ ଚାଲିଆସୁଥିଲେ ମଧ ପ୍ରଶାସନ ଦୃଷ୍ଟି ନ ଦେବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ବାଲିଚନ୍ଦ୍ରପୁର ବଜାରରେ ରହିଛି ବାଲିଚନ୍ଦ୍ରପୁର ଥାନା । ଥାନାଠାରୁ କିଛି ମିଟର ଦୂରରେ ଜୁଆ ଖେଳ ଚାଲୁଥିଲେ ମଧ ପୋଲିସ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଯାଜପୁରରୋଡ,୨୬।୬
(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ ଥାନା ଅର୍ନ୍ତଗତ ୧୫ ନଂ. ୱାର୍ଡ ଚୋରଦା ମଙ୍ଗଳା ସାହିର ବାସିନ୍ଦା ତଥା ରସୁଲପୁର ବ୍ଲକ ପହଙ୍ଗା ପଞ୍ଚାୟତର ମୂଳ ବାସିନ୍ଦା ଧନଞ୍ଜୟ ତ୍ରିପାଠୀ(୪୮) ନିଜ ବାସଭବନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଏନେଇ ସୋମବାର ତାଙ୍କ ସ୍ତ୍ରୀ ମଞ୍ଜୁଲତା ତ୍ରିପାଠୀ ଯାଜପୁର ରୋଡ ଥାନାକୁ ଖବର ଦେବା ପରେ ପୋଲିସ ମୃତଦେହକୁ ଜବତ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି । ମୃତଦେହକୁ ବ୍ୟବଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ଏନେଇ ଯାଜପୁର ରୋଡ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୩)ରୁଜୁ କରିଥିବା ସହକାରୀ ଥାନାଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଗତ ମେ ମାସ ୨ ତାରିଖରେ ଧନଞ୍ଜୟଙ୍କୁ ତାଙ୍କ ପଡୋଶୀ ମରଣାନ୍ତକ ଆକ୍ରମଣ କରିବା ପରେ ସେ ସଂଜ୍ଞାହୀନ ହୋଇ ତାଙ୍କ ଘର ବାରଣ୍ଡାରେ ପଡି ରହିଥିଲେ । ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ଯାଜପୁର ରୋଡ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଗାଡିରେ ତାଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଥିଲେ । ହେଲେ କେଉଁ କାରଣରୁ ସେ ଏପରି ପଦକ୍ଷେପ ନେଲେ ତାହା ସନ୍ଦେହ ଘେରରେ ରହିଛି ।

# ଯୁକ୍ତ ୨ କଳା ବ୍ଲକ ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୨୬।୬(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକରେ ଯୁକ୍ତ୨ କଳାରେ ଟପ୍ପର ହୋଇଥିବା ଜେନାପୁର କଲେଜର ଛାତ୍ରୀ ନିବେଦିତା ଦଳାଇଙ୍କୁ କଲେଜ ପକ୍ଷରୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ନିବେଦିତା ଚଳିତ ଯୁକ୍ତ ୨ କଳା ପରୀକ୍ଷାରେ ୮୮ପ୍ରତିଶତ ଅର୍ଥାତ୍ ୫୨୭ ମାର୍କ ରଖି ବ୍ଲକ୍ ଟପ୍ପର ହୋଇଥିଲେ। ଏଥିପାଇଁ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶଙ୍କ ଅଧ୍ୟକ୍ଷତା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରାଧ୍ୟାପକ ରତ୍ନାକର ନାୟକ, କାର୍ତ୍ତିକେଶ୍ୱର ଦାସ, କିଶୋର କୁମାର ମିଶ୍ର, ସୁରେନ୍ଦ୍ର କୁମାର ପଣ୍ଡା, ଅଶୋକ କୁମାର ବରାଳ, ଡ. ସୁରେଶ ଚନ୍ଦ୍ର ଦ୍ୱିବେଦୀ, ପ୍ରାଧ୍ୟାପିକ ଚିନ୍ମୟୀ ନାୟକ ପ୍ରମୁଖ କୃତୀଛାତ୍ରୀ ନିବେଦିତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି ସହ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ ।


ନିବେଦିତାଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି ।

# ଭାଇବୋହୂଙ୍କୁ ମାଡ଼ ମାରିବା ଅଭିଯୋଗରେ ଦେଢ଼ଶୁର ଗିରଫ

ଧର୍ମଶାଳା,୨୬।୬( ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅନ୍ତର୍ଗତ କ୍ଷେତ୍ରପାଳ ଗ୍ରାମର ଜଣେ ବ୍ୟକ୍ତି ଘରୋଇ କଳିକୁ କେନ୍ଦ୍ର କରି ଭାଇବୋହୂଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ଦେଢ଼ଶୁରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ,କ୍ଷେତ୍ରପାଳ ଗ୍ରାମର ମହେଶ୍ୱର ନାୟକଙ୍କ ସ୍ତ୍ରୀ କବିତା ନାୟକଙ୍କୁ ଘରୋଇ କଳିକୁ କେନ୍ଦ୍ର କରି ତାଙ୍କ ଦେଢ଼ଶୁର ଜ୍ଞାନରଞ୍ଜନ ନାୟକ (୫୫) ଗତ ୨୧ ତାରିଖରେ ତାଙ୍କୁ ମାଡ଼ ମାରିଥିଲେ । ଏନେଇ କବିତା ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୬୬/୨୩) ରୁଜୁ କରି ଅଭିଯୁକ୍ତ ଜ୍ଞାନରଞ୍ଜନଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ଅଭାବ

ସିଂହପୁର,୨୬।୬
(ଅନଙ୍ଗ ଉଦୟ ବେଉରିଆ):

ବିଂଝାରପୁର ବ୍ଲକ ଅଧୀନ ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ଅଭାବ ଚିନ୍ତାର କାରଣ ହୋଇଛି । ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଓ ରୋଗୀମାନେ ବହୁ ହିନସ୍ତା ଭୋଗୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ୨ବର୍ଷ ହେଲା ଲୋକାର୍ପଣ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନା ଅଛି ନଳକୂପ ନା ପାନୀୟ ଜଳ ପ୍ରକଳ୍ପ। ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ନଦୀ ବନ୍ଧରେ ବାଲି ବୋଝେଇ ଭାରିଯାନ ଚଳାଚଳ ବନ୍ଦ କଲା ପ୍ରଶାସନ

ପାଣିକୋଇଲି,୨୬।୬
(ବିକାଶ କୁମାର ମଲ୍ଲିକ)

ପାଣିକୋଇଲି ଥାନା ତଥା ମୂଳାପାଳ ପଞ୍ଚାୟତର ନଦୀ ବନ୍ଧରେ ବାଲି ବୋଝେଇ ଭାରିଯାନ ଚଳାଚଳ ଯୋଗୁ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା। ଏନେଇ ସ୍ଥାନୀୟ ଅଧିବାସୀ ବ୍ୟାସନଗର ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ପରେ ଏପରି ଭାରିଯାନ ଚଳାଚଳ ବନ୍ଦ ପାଇଁ ପାଣିକୋଇଲି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ପାଣିକୋଇଲି ପୋଲିସ ପକ୍ଷରୁ ନଦୀ ବନ୍ଧରେ ବାଲି ଗାଡ଼ି ଚଳାଚଳକୁ ବନ୍ଦ କରାଯାଇଛି । ଫଳରେ ସୋମବାରଠାରୁ ବାଲି ଚାଲାଣ ବନ୍ଦ ରହିଛି । ପ୍ରକାଶଯେ ୧୬ନଂ. ଜାତୀୟ ରାଜପଥ ବୈତରଣୀ ବ୍ରିଜ ନିକଟରୁ ବୈତରଣୀ ରୋଡ ରେଳ ଫାଟକ ପର୍ଯ୍ୟନ୍ତ ଉକ୍ତ ନଦୀ ବନ୍ଧଟି ଲମ୍ବିଛି । ଅଭିଯୋଗ ମୁତାବକ ଏହି ବନ୍ଧ ଉପରେ ସମ୍ପୂର୍ଣ୍ଣ ମୂଳାପାଳ ପଞ୍ଚାୟତ ସହିତ ଅମୃତିଆ, ବନ୍ଦାଳୋ, ବରୁଣ୍ଡାଇ ଆଦି ପଞ୍ଚାୟତର ଅଧିବାସୀ ନିର୍ଭର କରନ୍ତି ।



ବାଲି ଗାଡ଼ି ଚଳାଚଳ ଯୋଗୁ ନଦୀ ବନ୍ଧ ଦୁର୍ବଳ ହୋଇଛି । ବର୍ଷା ଦିନ ଆସିବା ପୂର୍ବରୁ ତା'ର ମରାମତି ମଧ୍ୟ କରାଯାଇ ନାହିଁ । ଭାରିଯାନ ଚଳାଚଳ ଯୋଗୁ ବନ୍ଧରେ ପିଚୁ ମଧ୍ୟ ନାହିଁ । ବର୍ତ୍ତମାନ ବର୍ଷା ଆରମ୍ଭ ହୋଇଛି । ଫଳରେ ରାସ୍ତାଟି ଖାଲଖମା ଓ ପାଣି କାଦୁଅରେ ଭର୍ତ୍ତି ହୋଇଛି । ଯାହା ଫଳରେ ଯାତାୟତରେ ବାଧା ଦେଖାଦେଇଛି ।

# ୧୦ ଅଭିଯୋଗର ତତ୍କାଳ ସମାଧାନ

ବରୀ,୨୬।୬(ମହେନ୍ଦ୍ର ସ୍ୱାଇଁ)

ସୋମବାର ବରୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେଉରିଆ, ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମାହୁନ୍ତ, ତହସିଲଦାର ତିଲୋତ୍ତମା ପୃଷ୍ଟି, ବିଡିଓ ନମିତା ବାରିକ ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣି କରିଥିଲେ। ବିଶେଷକରି ଜନଶୁଣାଣି ଶିବିର ଅନୁଷ୍ଠିତ ହେବା ଘଟଣା ବ୍ଲକ୍ ପ୍ରଶାସନ, ଲୋକପ୍ରତିନିଧିମାନଙ୍କ ଦ୍ୱାରା ବହୁଳ ଭାବେ ପ୍ରଚାରିତ ହୋଇ ନ ଥିବା ଯୋଗୁ ଉକ୍ତ ଶିବିରରେ ଅଭିଯୋଗକାରୀ ସଂଖ୍ୟା କମ୍ ଥିବାର ଦେଖିବାକୁ ମିଳିଥିଲା। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ, ଜମିଜମା ସମ୍ପର୍କୀୟ ମାମଲା ଠାରୁ ଆରମ୍ଭ କରି ବିଭିନ୍ନ ବିଷୟରେ ଜନଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ଏହାର କୌଣସି ସୁଫଳ ମିଳୁ ନ ଥିବାରୁ ଅଭିଯୋଗକାରୀଙ୍କ ସଂଖ୍ୟା କମ୍ ରହିଥିବା ସାଧାରଣରେ ମତ ପ୍ରକାଶ ପାଇଥିଲା। ଦୀର୍ଘ ଦିନ ଧରି ବରୀ ଅଞ୍ଚଳରେ ରହିଥିବା ସମସ୍ୟା ଉପରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠଠାରୁ ଆରମ୍ଭ କରି ଜନଶୁଣାଣି ଶିବିରରେ ଅଭିଯୋଗ ହୋଇ ଆସୁଥିଲେ ମଧ ଏହାର କାର୍ଯ୍ୟକାରିତା ଉପରେ ଜିଲାପ୍ରଶାସନର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରା ନ ଯିବା ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଶିବିରରେ ଭତ୍ତା ପାଇଁ ୪ ଜଣ, ରାଶନକାର୍ଡ ୪୧, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୧୪୧, ଚିକିତ୍ସା ସେବା ନିମନ୍ତେ ୧୦ ଓ ଅନ୍ୟାନ୍ୟ ୩୪ ଅଭିଯୋଗ କରାଯାଇଥିଲା ବେଳେ ତତ୍କାଳ ଚିକିତ୍ସା ସୁବିଧା ନିମନ୍ତେ ୧୦ ଜଣଙ୍କୁ ସହାୟତା ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ଉକ୍ତ ଶିବିରରେ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ଗ୍ରାମ ଉନ୍ନୟନ କନିଷ୍ଠ ଯନ୍ତ୍ରୀ କୁମର ମଲିକ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ତ୍ରିପାଠୀ, ପଶୁ ଚିକିତ୍ସା ଅଧିକାରୀ ଭକ୍ତ ଚରଣ ସେଠୀ, ଗ୍ରାମ୍ୟ ପରିମଳ ଯୋଜନା କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତି, ବ୍ଲକ୍ ସହକାରୀ ଯନ୍ତ୍ରୀ ସନ୍ଦୀପ ଦାସ, ମହିଳା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସଂଗୀତା ଏଡ଼ା, ଜିପିଓ ଲକ୍ଷ୍ମୀକାନ୍ତ ମହାରଣା, ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟମାନେ ।

### ବରୀ ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର

# କିସମ ବଦଳାଇ ବହୁ ଏକର ଜମି ବିକ୍ରି

କେନ୍ଦ୍ରାପଡ଼ା, ୨୬।୬(ଜଗନ୍ନାଥ ଧଳ)



- ମାଫିଆଙ୍କ କବଳରେ ଗୋବରୀ ନଦୀ ଜମି
- ପଟ୍ଟା ନ ପାଇ ତହସିଲ ଅଫିସ୍ ଦୌଡୁଛନ୍ତି
- ସରକାର ନଦୀକୁ ବଞ୍ଚାଇ ରଖିବାକୁ ପଦକ୍ଷେପ ନେବା ଜରୁରୀ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ପ୍ରବାହିତ ୨୦କି.ମି. ବ୍ୟାପୀ ଗୋବରୀ ନଦୀ କ୍ରମଶଃ ପୋତିହୋଇପଡୁଛି। ନଦୀ ପୋତି ହୋଇପଡ଼ିଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ଜନସାଧାରଣ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି ହେବା ପରେ ନଦୀର ପୁନରୁଦ୍ଧାର ପାଇଁ ୨୦୧୦ ଓ ୨୦୨୨ରେ ଖନନ ଯୋଜନା କାର୍ଯ୍ୟକାରୀ ହୋଇ ୧୦.୫୫ କୋଟି ଟଙ୍କା ବ୍ୟୟ କରାଗଲା। ମାତ୍ର ଏବେ ଗୋବରୀ ନଦୀ ପୂର୍ବଭଳି ପୋତିହୋଇ ରହିଛି। ନଦୀର କିସମ ବଦଳାଇ ହେକ୍ଟର ହେକ୍ଟର ଜମିକୁ ଅନାୟାସରେ ଜମି ମାଫିଆମାନେ ବିକ୍ରିକରି ଚାଲିଛନ୍ତି। ନଦୀର ଶୁଖିଲା ଅଂଶକୁ ଜବରଦଖଲ କରି ବେଆଇନ ଭାବେ କୋଠା ନିର୍ମାଣ କରାଯାଉଛି।

ସୂଚନା ମୁତାବକ, ଗୋବରୀ ନଦୀ ଜବରଦଖଲ ପଛରେ ଜିଲା ଓ ସ୍ଥାନୀୟ ପ୍ରଶାସନର କିଛି କମ୍ ଭୂମିକା ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏହି ନଦୀର ଉତ୍ପତ୍ତି ସ୍ଥଳ ବ୍ରାହ୍ମଣୀ ସଂଯୋଗ ପଥକୁ ୧୮୬୮ ରେ ବ୍ରିଟିଶ ସରକାର ବନ୍ୟା ନିୟନ୍ତ୍ରଣ ପାଇଁ ବନ୍ଧ ନିର୍ମାଣ କରିବା ସହ ବନ୍ୟାଜଳ ଗୋବରୀ ନଦୀ ଦେଇ ସମୁଦ୍ରକୁ ନିଷ୍କାସନ ପାଇଁ ଏକ ପଥ ରଖିଥିଲେ। ମାତ୍ର ଜଳ ସମ୍ପଦ ବିଭାଗ ୬ ଦଶନ୍ଧି ତଳେ ଏକ ବେଆଇନ ବନ୍ଧ ନିର୍ମାଣ କରି ନଦୀର ସ୍ରୋତକୁ ପ୍ରଥମେ ପ୍ରତିହିତ କରିଥିଲେ। ପରବର୍ତ୍ତୀ ସମୟରେ ସରକାର ଗୋବରୀ ନଦୀ ଉପରେ ପରିବହନ ବିଭାଗ ଦ୍ୱାରା ହାଲ୍ ପ୍ଲଟ୍ ୧୩୨୯ରେ ପଟ୍ଟାମୁଣ୍ଡାଇ ବସ୍ଷ୍ଟାଣ୍ଡ କୋଠା ନିର୍ମାଣ କରାଯାଇଥିଲା। ପରେ ପ୍ଲଟ୍ ନଂ. ୨୦୪୯ ଆଉ ୨୦୫୦ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ୨୦୪୩ ଆଉ ୨୦୪୬ ପଞ୍ଚାୟତ ସମିତି, ୩୬୦୩ରେ ତେରଜୋଡି, ୨୦୪୭, ୨୦୪୮ରେ ପ୍ରାଣୀ ଚିକିତ୍ସା କେନ୍ଦ୍ର, ସାବିକ ପ୍ଲଟ୍ ନଂ. ୧୦୭୬ ବିଦ୍ୟୁତ୍ ବିଭାଗ ଅଫିସ ଓ ହାଲ୍ ୩୬୦୨ରେ ଦୂରସଞ୍ଚାର କୋଠା, ଦକ୍ଷିଣଦିଆ ମୌଜାରେ ବ୍ଲକ କଲୋନି ମଧ୍ୟ ନଦୀ ଉପରେ ନିର୍ମାଣ କରାଯାଇଛି। ମାତ୍ର ଉଦ୍‌ବେଗଜନକ ଭାବେ ଏକାଧିକ ସରକାରୀ କୋଠା ମଧ୍ୟ ଏହି ନଦୀ ଉପରେ ନିର୍ମାଣ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ନିକଟରେ ନଦୀପଠାର କିସମ ବଦଳାଇ ଏହା ଉପରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯାଉଛି। ସରକାରୀ କାର୍ଯ୍ୟାଳୟ ମାନ ଗଢ଼ା ହେଉଥିବାରୁ ନଦୀ ପୁନରୁଦ୍ଧାର ହେବନାହିଁ ବୋଲି ଲୋକେ ଜାଣିଲେଣି। ଏହାର ଫାଇଦା ନେଇ ମାଫିଆ ଓ ପ୍ରଭାବଶାଳୀ ଲୋକ ନଦୀ ଜମିକୁ ଜବରଦଖଲ କରି ଚାଲିଛନ୍ତି। ପଟ୍ଟାମୁଣ୍ଡାଇ ବଜାର ସଂଲଗ୍ନ ବେଲତଳ, ଦକ୍ଷିଣଦିଆ, ପୋଖରିଆପଡ଼ା ମୌଜାର ଗୋବରୀ ନଦୀର ଜମିରେ କୋଠା ନିର୍ମାଣ କରି ଭଡ଼ା ଦେବା ସହ ପ୍ଲଟ୍ କରି ବିକ୍ରି କରୁଛନ୍ତି। ୧୯୩୦ ମସିହାରେ ହୋଇଥିବା ବନ୍ଦୋବସ୍ତରେ ବ୍ୟାପକ ହେରଫେର ଓ ଚଞ୍ଚକତା କରି ସରକାରୀ ଜମି ହାଲ୍ ଖାତା ନଂ.୨୨୧,୧୦୬୫ ସହ ଅନେକ ଡିଷ୍ଟବୋର୍ଡ ଜାଗା ହଡ଼ପ କରି ନେଇଛନ୍ତି। ପରବର୍ତ୍ତୀ ସମୟରେ ୧୯୮୪ ଚକବନ୍ଦୀରେ ନିଜ ନାମରେ ପଟ୍ଟା କରାଇ ନେବାକୁ ସକ୍ଷମ ହେଉଥିଲେ। ଜିଲା ପ୍ରଶାସନ ଏ ଦିଗ ପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ବର୍ତ୍ତମାନ ନଦୀରେ ଜଳ ପ୍ରବାହ ନାହିଁ। ଶଯ୍ୟା ପୋତି ହେବାରେ ଲାଗିଛି। ଯେଉଁମାନେ ଜବରଦଖଲକାରୀଙ୍କ ପାଖରୁ ଜାଗା କିଣିଛନ୍ତି ସେମାନେ ତହସିଲ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ପଟ୍ଟା ପାଉନାହାନ୍ତି ବୋଲି ଅଭିଯୋଗ କରୁଛନ୍ତି। ପଟ୍ଟାମୁଣ୍ଡାଇ ଆଇନସେବା ପ୍ରାଧିକରଣ ସଭ୍ୟ ପ୍ରଫୁଲ୍ଲ ଦାଶ, ଦେବାଶିଷ ପଣ୍ଡା, କ୍ଷୀରୋଦ ମଲ୍ଲିକ, ଅଶୋକ ବଳ ପ୍ରମୁଖ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ନିକଟରେ ଏକ ଜନସ୍ୱାର୍ଥ ସମ୍ବଳିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ବିଚାରକରି ଏ ସମ୍ପର୍କରେ ପଦକ୍ଷେପ ନେବାକୁ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସଂକ୍ରାନ୍ତରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ସେପରି କିଛି ଅଭିଯୋଗ ଆସିନାହିଁ। ପଟ୍ଟା ଦେବା ବିଷୟଟି ସରକାରୀ ଗାଇଡ୍‌ଲାଇନରେ ଆସୁ ନ ଥିବାରୁ ଦିଆଯାଇପାରୁନାହିଁ। ୨୦ କି.ମି. ବ୍ୟାପୀ ଗୋବରୀ ନଦୀ ଦୀର୍ଘଦିନ ଧରି ଜୀବିତ ରହିଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଯୋଗୁ ଏବେ ସମ୍ପୂର୍ଣ୍ଣ ନଦୀଟି ମରିବାକୁ ବସିଲାଣି। ନଦୀରେ ସ୍ରୋତ ଆସୁ ନ ଥିବାରୁ ପଠା ଜବରଦଖଲ ହେଉଛି। ବିଭିନ୍ନ କାରଣରୁ ନଦୀରେ ପାଣି କମି କମି ଚାଲିଛି ବୋଲି ଗବେଷକ ଦେଇଥିବା ରିପୋର୍ଟ ଏବେ ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଗୋବରୀ ନଦୀର ନବୀକରଣ ଲାଗି ସେମାନେ ଦେଇଥିବା ପ୍ରସ୍ତାବ କାର୍ଯ୍ୟକାରୀ କରାଯିବା ଉପରେ ଏବେ ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

## କୁଜଙ୍ଗ ଡବଲ ମର୍ଡର ଘଟଣା : ଏସପିଙ୍କ ଘଟଣାସ୍ଥଳ ପରିଦର୍ଶନ

କୁଜଙ୍ଗ,୨୬।୬ (ମନୋଜ ପ୍ରଧାନ)

କୁଜଙ୍ଗ ଏକ୍ସପ୍ରେସ କଲୋନୀରେ ହୋଇଥିବା ଡବଲ ମର୍ଡର ଘଟଣାର ୯ଦିନ ପରେ ସୋମବାର ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପି.ଆର କୁଜଙ୍ଗ ଆସି ହତ୍ୟାକାଣ୍ଡର ବିଭିନ୍ନ ଦିଗ ଉପରେ ସ୍ଥାନୀୟ ପୋଲିସ ସହ ଆଲୋଚନା କରିଥିଲେ। ଏଥିସହ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ । ସେଠାରେ ମୃତା ସୁନୀତା ଭୋଳର ଝିଅଙ୍କଠାରୁ ହତ୍ୟାକାଣ୍ଡ ସମ୍ପର୍କରେ ବୁଝିଥିଲେ । ଅନ୍ୟପଟେ ମୃତା ନିର୍ମଳା ଲେଙ୍କାଙ୍କ ପୁଅ ରିତେଶ ରୋଶନଙ୍କୁ ଥାନାକୁ ଡାକି ହତ୍ୟାକାଣ୍ଡର ବିଭିନ୍ନ ଦିଗଉପରେ ପଚାରି ବୁଝିଥିଲେ । ଏହି ମାମଲାର ବିଭିନ୍ନ ଦିଗ ଉପରେ ତଦନ୍ତ କରିବାକୁ ସେ ଥାନା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୧୮ ତାରିଖ ସକାଳେ ଏହି ଘଟଣା ଘଟିଥିଲା। ପ୍ରାୟ ସାଢ଼େ ୭ଟାରେ ଏକ୍ସପ୍ରେସ୍ କଲୋନୀ ନିକଟରେ ଘର କରି ରହୁଥିବା ଭଣ୍ଡୁଆ ଗ୍ରାମର ପ୍ରମୋଦ ଭୋଳଙ୍କ ସ୍ତ୍ରୀ ସୁନିତା ବାରଣ୍ଡାରେ ବସିଥିଲେ। ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଜ୍ୟୋତିପ୍ରକାଶ ନାଥଶର୍ମା ଓରଫ କାଳିଆ ଓରଫ ଟିଣ୍ଟୁ ସେଠାରେ ପହଞ୍ଚି ଦାଦାବଟି ମାଗିଥିଲେ। ସେ ଦେବାକୁ ମନା କରିବାରୁ ଟିଣ୍ଟୁ ଫେରିଯାଇ ନିଜ ବସା ଘରୁ ଏକ ହଂସୁଆ ଖଣ୍ଡା ଆଣି ସୁନିତାକୁ ହାଣିଦେଇଥିଲେ। ଏହି ଘଟଣାକୁ ସୁନିତାଙ୍କ ପଡ଼ୋଶୀ ନିର୍ମଳା ଦେଖି ପ୍ରତିବାଦ କରିବାରୁ ଟିଣ୍ଟୁ ତାଙ୍କୁ ମଧ୍ୟ ହାଣି ଦେଇଥିଲେ। ଏହାପରେ ପାଖ ବଳରାମପୁର ଗ୍ରାମର କେତେଜଣ ଟିଣ୍ଟୁଙ୍କୁ କାବୁ କରି ପୋଲିସ୍‌କୁ ଖବର ଦେଇଥିଲେ। ଏହାପରେ ପୋଲିସ୍ ଟିଣ୍ଟୁଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ସୁନା ଅଳଙ୍କାର ଚୋରି ଘଟଣା: ଯୁବକ ଗିରଫ

ବାଲିକୁଦା,୨୬।୬(ତାପସ ସ୍ୱାଇଁ): ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ବ୍ରାହ୍ମଣ୍ଡି ଗ୍ରାମର ରାଖାଲ ବେହେରାଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ କିଶାନ ପାତ୍ରକୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ରାଖାଲ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ କିଶାନ ତାଙ୍କ ଘରେ ପଶି ସୁନା ଗହଣା ସହ ଟଙ୍କା ଚୋରି କରି ନେଇଥିଲେ। ଏସମ୍ପର୍କରେ ରାଖାଲଙ୍କ ସ୍ତ୍ରୀ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ.୩୦୮/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିକୁଦା,୨୬।୬(ତାପସ ସ୍ୱାଇଁ): ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ପତରପଡା ଗ୍ରାମରେ ଜଣେ ମହିଳାଙ୍କ ସୋମବାର ଅପରାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ବଳରାମ ମଲ୍ଲିକଙ୍କ ସ୍ତ୍ରୀ ମାମିନା। ପଡୋଶୀ ତାଙ୍କୁ ଘରେ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ମାମିନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବାଲିକୁଦା ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମାମିନାଙ୍କ ୩ଟି ଝିଅ ଗୋଟିଏ ପୁଅ ଥିବା ଜଣାପଡିଛି । ପୋଡ଼ଶୀଙ୍କ କହିବାନୁଯାୟୀ, ସକାଳୁ ବଳରାମ ଓ ମାମିଙ୍କ ମଧ୍ୟରେ ଟେଲିଫୋନ ବାର୍ତ୍ତାଳାପ ହୋଇଥିଲା। ଏହି ସମୟରେ ପାଟିତୁଣ୍ଡ ହୋଇଥିଲା। ସେହି ରାଗରେ ଘରେ କେହି ନଥିବାବେଳେ ମାମିନା ରଶି ଲଗାଇ ଦେଇଥିବା ଚର୍ଚ୍ଚା ହେଉଛି।

### ସରପଞ୍ଚଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା,୨୬।୬(ଜଗନ୍ନାଥ ଧଳ): ରାଜକନିକା ବ୍ଲକ ଜୟନଗର ସରପଞ୍ଚ ପ୍ରଦୀପ୍ତ ଦାସ(ବିପି)ଙ୍କର ରବିବାର ଭୋରୁ ଆଳିଠାରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଜୟନଗର ପଞ୍ଚାୟତ ବ୍ୟତୀତ ତାଙ୍କ ଗ୍ରାମ ବାଟଗାଁ ସମେତ ତମାମ ରାଜକନିକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦଳମତ ନିର୍ବିଶେଷରେ ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ସିପିଆଇ(ଏମ୍‌ଏଲ୍) ଜିଲା ସମ୍ପାଦକ ବିଧାନ ଦାସ, ବରିଷ୍ଠ କଂଗ୍ରେସ ନେତା ବାବୁରାମ ଜେନା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ, ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ସମିତିସଭ୍ୟ ଶରତ ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ସରପଞ୍ଚ ଅରୁଣ ରାଉତ, ପୂର୍ବତନ ସରପଞ୍ଚ ରବିନାରାୟଣ ବେହେରା, କଂଗ୍ରେସ ନେତା ଅଜୟ୍ କୁମାର ଦାସ, ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଭାଜପା ନେତ୍ରୀ ଜିତା ଦାସ, ପ୍ରଦୀପ୍ତ ରାଉତ, କ୍ଷୀରୋଦ ବେହୁରିଆ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଡେରାବିଶରେ ମିଳିତ ଜନଶୁଣାଣି: ୬୮ ଅଭିଯୋଗ

ଡେରାବିଶ, ୨୬।୬ (ବେବର୍ତ୍ତା ଅଜୟ ଦାସ)



ଶିବିରରେ ଲୋକମାନେ ପ୍ରଶାସନିକ ଅଧିକାରୀମାନଙ୍କ ପାଖରେ ଅଭିଯୋଗ କରୁଛନ୍ତି।

ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦିପ ସମ୍ପଦ, ପିଡ଼ି ରାଜେନ୍ଦ୍ର ପଣ୍ଡା ଓ ଉପଜିଲାପାଳ ନିରଞ୍ଜନ ବେହେରା ଉପସ୍ଥିତ ରହି ମିଳିତ ଜନଶୁଣାଣି କରିଥିଲେ। ଶିବିରରେ ୬୮ଟି ଅଭିଯୋଗର ଶୁଣାଣି କରାଯାଇଛି। ସେଥିମଧ୍ୟରୁ ୫ଟି ସାମୂହିକ ଓ ୬୩ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ କୁମାର ପରିଡ଼ା, ଏବିଡିଓ ଭଞ୍ଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିରରେ ବିଶେଷ ଭାବେ ଡେରାବିଶ ବ୍ଲକ ମିଶନ ଶକ୍ତି ପକ୍ଷରୁ ନିକଟରେ ଘୋଷଣା କରାଯାଇଥିବା ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର ଚୟନରେ ଅନିୟମିତତା ନେଇ କେତେଜଣ ମହିଳା ଅଭିଯୋଗ କରିଥିଲେ। ତେବେ ଘୋଷଣା କରାଯାଇଥିବା ପ୍ରାର୍ଥୀ ତାଲିକାରେ କାଉପଡ଼ା ପଞ୍ଚାୟତର ଭାଗ୍ୟଶ୍ରୀ ଓଝା ନାମକ ଜଣେ ପ୍ରାର୍ଥୀ ଉପରୋକ୍ତ ୩ଟି ପଦବୀ ପାଇଁ ସମସ୍ତ ଯୋଗ୍ୟତା ଥିବା ବେଳେ ତାଙ୍କ ନାମକୁ ଘୋଷଣା ନ କରି ସ୍ଥଗିତ ରଖାଯାଇଛି ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେ ସମ୍ପୃକ୍ତ ପଞ୍ଚାୟତରେ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ଯୋଗ୍ୟତା ଭିତ୍ତିରେ ପ୍ରଥମ ହୋଇଥିଲେ। ହେଲେ କେତେଜଣ ବ୍ୟକ୍ତିଙ୍କ ଚକ୍ରାନ୍ତର ଶିକାର ହୋଇ ସେ ମାନସିକ ଯନ୍ତ୍ରଣାରେ ଥିବା ନେଇ ଅଭିଯୋଗ ଦର୍ଶାଇଥିଲେ। ତାଙ୍କୁ ବିଭାଗୀୟ ନିୟମ ଅନୁଯାୟୀ, ନ୍ୟାୟ ଦେବା ପାଇଁ ସେ ଜିଲାପାଳଙ୍କ ନିକଟରେ ଗୁହାରି କରିଥିଲେ। ସେହିପରି ଗୁଆଳସିଂ ପଞ୍ଚାୟତ ଅଧୀନ ମିର୍ଜାପାଟଣା ଗାଁକୁ ଦୀର୍ଘବର୍ଷ ହେବ ପକ୍କା ରାସ୍ତାଟିଏ ନ ଥିବା ନେଇ ଗ୍ରାମର ମହିଳା ପୁରୁଷମାନେ ଅଭିଯୋଗ କରିଥିଲେ। ଗ୍ରାମ୍ୟ ରାସ୍ତାଟି ବ୍ଲକ କାର୍ଯ୍ୟାଳୟ ଦେଇ କେନ୍ଦ୍ରାପଡ଼ା-ଗୋଲରାହାଟ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରିଛି। ଏହି ରାସ୍ତାଟିକୁ ସ୍ଥାୟୀ ପକ୍କା ରାସ୍ତାରେ ପରିଣତ କରିବାକୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ରାସ୍ତାଟି ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ଗ୍ରାମକୁ ଯାତାୟାତ କରିବାରେ ଅସୁବିଧା ହେଉଥିବା ଉଲ୍ଲେଖ ରହିଛି। ତେବେ ଜିଲାପାଳ ଏହି ରାସ୍ତା କାର୍ଯ୍ୟଟି ତୁରନ୍ତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସମନ୍ୱିତ ମହିଳା ଶିଶୁ ବିକାଶ ବିଭାଗର ଜଣେ ସୁପରଭାଇଜରଙ୍କ ବିରୋଧରେ କେତେଜଣ ଅଙ୍ଗନୱାଡି କର୍ମୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ସୁପରଭାଇଜର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ କର୍ମୀଙ୍କୁ ଦୁର୍ବ୍ୟବହାର କରିବା, କେନ୍ଦ୍ରର କାଗଜପତ୍ରକୁ ଫୋପାଡ଼ିବା ଇତ୍ୟାଦି କାର୍ଯ୍ୟର ପ୍ରତିବାଦକରି କର୍ମୀମାନେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ତେବେ ଏହି କାର୍ଯ୍ୟକୁ ତଦାରଖ କରିବାକୁ ମହିଳା ଶିଶୁ ବିକାଶ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ବିଭ୍ରାଟ, ରାଶନ କାର୍ଡ଼ରେ ନାମ ପଞ୍ଜୀକୃତ କରିବା, ମୋ ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇବାକୁ କେତେଜଣ ବ୍ୟକ୍ତି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ, ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ସେଠୀଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳ ସମ୍ପଦ ଇତ୍ୟାଦି ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲା, ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଶୈଳେନ୍ଦ୍ର ନାରାୟଣ ଜୁନିୟର କଲେଜ

କେନ୍ଦ୍ରାପଡ଼ା, ୨୬।୬(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଶୈଳେନ୍ଦ୍ର ନାରାୟଣ ଜୁନିୟର କଲେଜ ପକ୍ଷରୁ ସୋମବାର ଚଳିତବର୍ଷ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାରେ କଲେଜର ଜଣେ ଛାତ୍ରୀ ଜିଲା ସ୍ତରରେ ଓ ୨ଜଣ ଛାତ୍ରୀ ବ୍ଲକ ସ୍ତରରେ କୃତିତ୍ୱ ଅର୍ଜନ କରିଥିଲେ। ସେମାନଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ଯୁକ୍ତ ୨ କଳା ବିଭାଗରେ କଲେଜର ଗାୟତ୍ରୀ ପାଣିଗ୍ରାହୀ ୫୨୮ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ଶୁଭଲକ୍ଷ୍ମୀ ନାୟକ ୫୩୬ ନମ୍ବର ରଖି ବ୍ଲକ ଟପ୍ପର ଓ ବିଜ୍ଞାନ ବିଭାଗରେ ପ୍ରଜ୍ଞା ପାରମିତା ପଣ୍ଡା ୫୧୦ ରଖି ବ୍ଲକ ଟପ୍ପର ହୋଇଥିଲେ। ସେମାନଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ଅଜୟ କୁମାର କୁଣ୍ଡୁଙ୍କ ସଂଯୋଜନାରେ ଅଧ୍ୟକ୍ଷା ସୁରେଖା ରାଉତ, ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପିକା ତୃପ୍ତି ରାଉତ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ମିଥିଳା ଦାସ, ଇଂଲିଶ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ସଞ୍ଜୀବ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଯୁକ୍ତ ୨ କଳା ବିଭାଗର ଜିଲା ଟପ୍ପର ଗାୟତ୍ରୀ, ବାଣିଜ୍ୟ ବିଭାଗର ବ୍ଲକ ଟପ୍ପର ଶୁଭଲକ୍ଷ୍ମୀ ଓ ବିଜ୍ଞାନ ବିଭାଗର ପ୍ରଜ୍ଞା ପାରମିତା ପଣ୍ଡାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ଅର୍ଥରାଶି ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଜୟ ଗୋଛାୟତ ସହଯୋଗ କରିଥିଲେ।

## ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ନିଷେଧ ଦିବସରେ ଆଲୋଚନାଚକ୍ର**



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଜଗତ୍‌ସିଂହପୁର, ୨୬।୬ (ପ୍ରମୋଦ କୁମାର ନାୟକ)

ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରୀଛାତ୍ର ବିଶେଷକରି ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଛାତ୍ରୀଛାତ୍ରମାନେ ନିଶା ନିବାରଣ କ୍ଷେତ୍ରରେ ଦାୟିତ୍ୱବାନ ହେଲେ ସମାଜରେ ଅନେକ ସୁଧାର ଆସିପାରିବ। ସୋମବାର ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ନିଷେଧ ଦିବସ ପାଳନ ଅବସରରେ ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏହା କୁହାଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବିଷୟ ବସ୍ତୁ ଥିଲା 'ନିଶାର ଅନୈତିକ ବିକ୍ରିକୁ ବନ୍ଦ କରିବା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଭୂମିକା' । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ବରିଷ୍ଠ ଡାକ୍ତର ଧରଣୀଧର ସେନାପତି ଯୋଗଦେଇ ନିଶା ସେବନ ଦ୍ୱାରା ସ୍ୱାସ୍ଥ୍ୟଗତ କ୍ଷତି ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଓକିଲ ସଂଘ ପୂର୍ବତନ ସଭାପତି ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ଏନ୍‌ଏସ୍‌ଏସ୍ ୟୁନିଟ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବିଭୁପ୍ରସାଦ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତଭାଷଣ ଦେଇଥବାବେଳେ ଅଧ୍ୟାପକ ତଥା ମହାବିଦ୍ୟାଳୟ ମିଡିଆ ସେଲ ସଂଯୋଜକ ଶୁଭେନ୍ଦୁମୌଳି ନନ୍ଦ ଧନ୍ୟବାଦ ଦେଇଥିଲେ।

# ୫-ଟି ସଚିବଙ୍କ ପ୍ରସ୍ତାବିତ ସଭାସ୍ଥଳ ବଦଳିଲା

**ମୁଖ୍ୟ ସଚେତକ, ଜିଲା ବିଜେଡି ପର୍ଯ୍ୟବେକ୍ଷକଙ୍କ କ୍ଷେତ୍ର ପରିଦର୍ଶନ**

କୁଜଙ୍ଗ,୨୬।୬ (ମନୋଜ ପ୍ରଧାନ)

୫-ଟି ସଚିବ ଭି.କେ. ପାଣ୍ଡିଆନ ୨୯ ତାରିଖରେ କୁଜଙ୍ଗ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୋମବାର ଫତେପୁରଠାରେ ପ୍ରଶାସନ ପକ୍ଷରୁ ନିର୍ମାଣ ଚାଲିଥିବା ସଭାସ୍ଥଳ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଅରୁଣ ସାହୁ ବୁଲି ଦେଖିଥିଲେ। ପ୍ରସ୍ତୁତ ହେଉଥିବା ସଭାସ୍ଥଳକୁ ଯାନବାହନ ଯାତାୟାତ କରିବାକୁ ଅସୁବିଧା ହେଉଥିବା ବେଳେ ଓ ବର୍ଷାହେଲେ ପାଣି କାଦୁଅ ହେବାର ଆଶଙ୍କା ଥିବାରୁ ସ୍ଥାନ ପରିବର୍ତ୍ତନ ପାଇଁ ସେମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପରୋକ୍ତ ଅସୁବିଧାକୁ ଦୃଷ୍ଟିରେ ରଖି ସେଠାରେ ଉପସ୍ଥିତ ଥିବା ଦଳିୟକର୍ମୀ କୁଜଙ୍ଗ ବିବି ହାଇସ୍କୁଲ ପଡ଼ିଆରେ ସଭା ଆୟୋଜନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପରେ ମୁଖ୍ୟ ସଚେତକ ଓ ପର୍ଯ୍ୟବେକ୍ଷକ ବିବି ହାଇସ୍କୁଲ ପଡ଼ିଆ ବୁଲି ଦେଖିବା ପରେ ସେଠାରେ ସଭା ଆୟୋଜନ କରିବାକୁ ବିଡିଓଙ୍କୁ କହିଥିଲେ । ଏହି ଅବସରରେ ଯୁବନେତା ଅରୁଣ କୁମାର ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଅରୁପ୍ରସାଦ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗଡ଼କୁଜଙ୍ଗକୁ ମଧ୍ୟ ୫-ଟି ସଚିବ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବାରୁ ଅପରାହ୍ନରେ ସରକାରୀ ଦଳ ମୁଖ୍ୟ ସଚେତକ ମୁଦୁଲି ଓ ଜିଲା ବିଜେଡି ପର୍ଯ୍ୟବେକ୍ଷକ ସାହୁ ଗଡ଼ କୁଜଙ୍ଗର କୁଞ୍ଜବିହାରୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ କୁଞ୍ଜବିହାରୀ ମନ୍ଦିର ପରିଚାଳନା ସମିତି ସଭାପତି ରାଜେନ୍ଦ୍ର ବେହେରା, ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ, ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗୋଛାୟତ, ବିଷ୍ଣୁ ଚରଣ ପ୍ରଧାନ, ସଞ୍ଜୟ ମହାପାତ୍ର ପ୍ରମୁଖଙ୍କୁ ଭେଟି ଏହି କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋଚନା କରିଥିଲେ।


କୁଞ୍ଜବିହାରୀ ମନ୍ଦିରରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅରୁଣ ସାହୁଙ୍କ ସହ ଅନ୍ୟମାନେ।

# ଆଜ୍‌ବେଷ୍ଟସ୍‌ର ପତ୍ତା ମିଳୁନି: ବର୍ଷାରେ ଭିଜୁଛି କବାଟ ଝରକା

**୫- ଟି ସଚିବ ଗସ୍ତ ପୂର୍ବରୁ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ର ନବୀକରଣ**

ରଘୁନାଥପୁର,୨୬।୬ (ରାଜେନ୍ଦ୍ର ନାରାୟଣ ସିଂହ)


ବର୍ଷାରେ ଭିଜୁଥିବା କବାଟ ଝରକା।

୫-ଟି ସଚିବ ଭି.କେ ପାଣିଆନ ଆସନ୍ତା ଜୁନ ୨୯ ଓ ୩୦ରେ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବା ରଘୁନାଥପୁର ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ନବୀକରଣ କାର୍ଯ୍ୟ ଚାଲିଛି। ମୌସୁମୀ ବର୍ଷା ସତ୍ତ୍ୱେ ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଥିବା ୩ ଷ୍ଟାଫ କ୍ୱାର୍ଟରକୁ ଭଙ୍ଗାଯାଇ କାର୍ଯ୍ୟ ଆରମ୍ଭ ହୋଇଛି।

ଅପରପକ୍ଷେ ଭଙ୍ଗାଯାଇଥିବା ପୁରୁଣା କ୍ୱାର୍ଟରରୁ ବାହାରିଥିବା ଆଜବେଷ୍ଟସର ପତ୍ତା ମିଳୁନି। ଏ ସମ୍ପର୍କରେ ଠିକାଦାରଙ୍କ ପକ୍ଷରୁ ନିୟୋଜିତ ଲୋକଙ୍କୁ ପଚାରିଲେ ସବୁ ଆଜବେଷ୍ଟସ୍‌କୁ ଭାଙ୍ଗି ଦିଆଯାଇଥିବା କୁହାଯାଉଛି। ଉକ୍ତ କ୍ୱାର୍ଟରରେ କର୍ମଚାରୀମାନେ ରହୁଥିଲେ। ଭଙ୍ଗା ହେବାର ଦୁଇଦିନ ପୂର୍ବରୁ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। ଉକ୍ତ କ୍ୱାର୍ଟରରେ ପ୍ରାୟ ୫୦ ପିସ ଭଲ ଆଜବେଷ୍ଟ ଥିଲା। ଏହାକୁ ଭାଙ୍ଗି ଦିଆଯାଇଛି ନା ହଡ଼ପ କରାଯାଇଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକାଦାରଙ୍କ ଖାମଖିଆଲ ନୀତି ଯୋଗୁ ଉକ୍ତ କ୍ୱାର୍ଟରରୁ ବାହାରିଥିବା କବାଟ, ଝରକା ଖୋଲା ଆକାଶ ତଳେ ଗଦାହୋଇ ବର୍ଷାରେ ଭିଜୁଛି। ସେହିପରି ଆଜବେଷ୍ଟସ୍ ତଳୁ ବାହାରିଥିବା ଅନେକ ମୂଲ୍ୟବାନ କାଠ ମିଳୁ ନଥିବାବେଳେ ଆଉ କିଛି କାଠକୁ ଶ୍ରମିକମାନେ ଜାଳେଣି ରୂପେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ନୂତନ ଗୃହ ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଥିବାବେଳେ ପୁରୁଣା କ୍ୱାର୍ଟରରୁ ବାହାରିଥିବା ଲକ୍ଷାଧିକ ଟଙ୍କାର ସରକାରୀ ସମ୍ପତ୍ତିକୁ ଅଣଦେଖା କରାଯାଉଛି। ଏ ସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସୁକାନ୍ତ କୁମାର ଦଳେଇଙ୍କୁ ପଚାରିବାରୁ ଉକ୍ତ କ୍ୱାର୍ଟରରୁ ବାହାରିଥିବା ଆଜବେଷ୍ଟସ, କାଠ ଓ କବାଟ ଓ ଝରକା ଇତ୍ୟାଦିକୁ ଏପର୍ଯ୍ୟନ୍ତ ମେଡିକାଲକୁ ହସ୍ତାନ୍ତର କରାଯାଇନାହିଁ ବୋଲି ଡା ଦଳେଇ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ନବୀକରଣ କାର୍ଯ୍ୟ ପାଇଁ ୨.୧ କୋଟି ଟଙ୍କା ବ୍ୟୟବରାଦ ରହିଛି। ମାଣପୁର ଗଡମା ପୂର୍ତ୍ତ ବିଭାଗ ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁ ଏହାର ନିର୍ମାଣ ଦାୟିତ୍ୱରେ ରହିଛନ୍ତି। ଯନ୍ତ୍ରୀ ସ୍ୱାଇଁ କହିଛନ୍ତି, ପୁରୁଣା କ୍ୱାର୍ଟରରୁ ବାହାରିଥିବା ସମସ୍ତ ସାମଗ୍ରୀ ଠିକାଦାର ତାଙ୍କ ଦାୟିତ୍ୱରେ ରଖିଥିବେ। ୫-ଟି ସଚିବ ନିଜେ ଏହାର ଅନୁଧ୍ୟାନ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଆସିକା କଲେଜରେ ଛାତ୍ର ଅଶାନ୍ତି

## ଫି' କମାଇବା ଦାବିରେ ଧାରଣା

ଆସିକା,୨୬।୬ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଯୁକ୍ତ୨ ଦ୍ୱିତୀୟ ବର୍ଷରେ ପୁନଃ ନାମଲେଖା ଲାଗି ଫି' କମାଇବା ଦାବିରେ ଛାତ୍ରୀଛାତ୍ର ଦୀର୍ଘ ସମୟ ଧରି କଲେଜ ମୁଖ୍ୟ ଫାଟକ ବନ୍ଦ କରି ଧାରଣା ଦେଇଥିଲେ । କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କୁ ଛାତ୍ରୀଛାତ୍ର ଏହି ଫି' କମାଇବା ଲାଗି ପ୍ରତିଶ୍ରୁତି ଦେବାକୁ ବାଧ କରିଥିଲେ । ତେବେ ଏହା ଅଧ୍ୟକ୍ଷଙ୍କ କ୍ଷମତାର ପରିସରଭୁକ୍ତ ନଥିବା ଓ ଏ ସମ୍ପର୍କରେ କଲେଜ ପରିଚାଳନା କମିଟି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ଲାଗି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆନ୍ଦୋଳନକାରୀ ସେମାନଙ୍କ ଜିଦରେ ଅଟଳ ରହିଥିଲେ। ଖବର ପାଇ କୋଟିନଡା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷଙ୍କୁ ପଚାରିବାରେ ଯୁକ୍ତ ୨ ପ୍ରଥମ ବର୍ଷରେ ଛାତ୍ରୀଛାତ୍ରମାନେ ୬ହଜାର ୧ଶହ ଟଙ୍କା ନାମଲେଖା ଫି' ଦାଖଲ କରିଥିଲେ। ସେହିଭଳି ୨୯ ତାରିଖ ଠାରୁ ଦ୍ୱିତୀୟ ବର୍ଷ ନିମନ୍ତେ ସେହି ଫି' ଦାଖଲ ଲାଗି କଲେଜ କର୍ତ୍ତୃପକ୍ଷ ବିଜ୍ଞପ୍ତି ଦେବା ପରେ ଛାତ୍ରୀଛାତ୍ର ଏହା କମାଇବା ଦାବିରେ ଆନ୍ଦୋଳନ କରିଥିବା ଅଧ୍ୟକ୍ଷ ଡ. ତ୍ରିପାଠୀ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଯୁବନେତାଙ୍କ ମୃତ୍ୟୁ

ଆସିକା,୨୬।୬(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ କାଳଷଣ୍ଢପୁର ପଞ୍ଚାୟତ ଅନ୍ତର୍ଗତ ପୁଡୁଗେଶ୍ୱରପଲ୍ଲୀ ଗ୍ରାମର ପୂର୍ବତନ ଜିଲାପରିଷଦ ସଦସ୍ୟ ତଥା ଯୁବନେତା ଦୟାନିଧି ମହାନ୍ତି (ବସନ୍ତ)ଙ୍କ ରବିବାର ବିଳମ୍ବିତ ରାତିରେ ମୁମ୍ବାଇ ଠାରେ ମୃତ୍ୟୁ ଘଟିଛି । କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଲାଗି ମୁମ୍ବାଇ ଯାଇଥିଲା ବେଳେ ସେଠାରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୩ବର୍ଷ ହୋଇଥିଲା। ଜିଲା ପରିଷଦ ସଦସ୍ୟ ସାଙ୍ଗକୁ ସେ ଆସିକା ଚିନିଶିଳ୍ପର ପରିଚାଳନା ପରିଷଦର ମଧ ପୂର୍ବତନ ସଦସ୍ୟ ଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ୨ ନବଜାତ ଶିଶୁ ଉଦ୍ଧାର

କ.ନୂଆଗାଁ/ବାଲିଗୁଡା,୨୬।୬ (କାଳୀପ୍ରସାଦ ତ୍ରିପାଠୀ/ ସଞ୍ଜୟ ପାଣିଗ୍ରାହୀ)- ବାଲିଗୁଡ଼ା ଥାନା ଅନ୍ତର୍ଗତ ମହାସିଙ୍ଗି ଏକଲବ୍ୟ ବିଦ୍ୟାଳୟ ନିକଟରୁ ୨ନବଜାତ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଛି। ଚାଇଲ୍ଡ ଲାଇନ ପକ୍ଷରୁ ସୂଚନା ପାଇ କ.ନୂଆଗାଁ ସିଡିପିଓ ଦ୍ରୌପଦୀ କହଁର ୨ ନବଜାତ ଶିଶୁଙ୍କୁ ଉଦ୍ଧାରକରି କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି । ଗୋଟିଏ ଶିଶୁର ଓଜନ ୨ କିଲୋ ୪୦ ଗ୍ରାମ ଓ ଅନ୍ୟ ଶିଶୁଟିର ଓଜନ ୧କିଲୋ ୯୭୦ ଗ୍ରାମ ରହିଛି। ଏହି ଘଟଣା ନେଇ ଚାଇଲ୍ଡ ଲାଇନ ତଦନ୍ତ ଚଳାଇଥିବା ବେଳେ ବର୍ତ୍ତମାନ ୨ ନବଜାତ ଶିଶୁଙ୍କୁ ବନବାସୀ ସେବା ସମିତିକୁ ହସ୍ତାନ୍ତର କରାଯାଇଛି ବୋଲି ସିଡିପିଓ କହିଛନ୍ତି।

### ଯୁବକଙ୍କ ମୃତଦେହ ଜବତ

ଚିକିଟି,୨୬।୬(ପ୍ରକାଶ ଚନ୍ଦ୍ର ସାହୁ)- ଗୋଳନ୍ଥରା ଥାନା ଗିରିସୋଲା ଗ୍ରାମ ନିକଟରେ ପୂର୍ବରୁ ରହିଆସୁଥିବା ଆନ୍ତଃରାଜ୍ୟ ତନଖି ଫାଟକ ନିକଟରେ ଥିବା ଓଜନକଣ୍ଟା ନିକଟରୁ ସୋମବାର ସକାଳେ ଗୋଳନ୍ଥରା ପୋଲିସ ୧ ମୃତଦେହ ଜବତ କରିଛି। ସେ ହେଲେ ବ୍ରହ୍ମପୁର ଗୋଷାଣି ନୂଆଗାଁର ଲିଙ୍ଗରାଜ ପାଣିଗ୍ରାହୀ (୩୫)। ଓଜନକଣ୍ଟା ନିକଟରେ ଲିଙ୍ଗରାଜ ମୃତାବସ୍ଥାରେ ପଡ଼ିଥିବା କେତେଜଣ ଲୋକ ଦେଖିବାପରେ ଗୋଳନ୍ଥରା ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିଲା। ଏ ନେଇ ଗୋଳନ୍ଥରା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ. ୧୪/୨୩ରେ ରୁଜୁକରି ଘଟଣାଟିର ତଦନ୍ତ ଚାଲିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ନିଶାମୁକ୍ତ ଭାରତ ଅଭିଯାନ

ଭଞ୍ଜନଗର,୨୬।୬(ବାବୁଲା ପ୍ରଧାନ)- ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଆର୍ମି ୱିଙ୍ଗ ପକ୍ଷରୁ ସୋମବାର ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏନସିସି ଆର୍ମି ୱିଙ୍ଗ କ୍ୟାଡେଟ୍‌ମାନେ ନିଶାମୁକ୍ତ ଭାରତ ଅଭିଯାନ ନାରା ଦେଇ କଲେଜରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରାକୁ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ନାଭାଲ ଅଫିସର ଡଃ ରବୀନ୍ଦ୍ର ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ଅଭିଯୋଗର ଶୁଣାଣି ଚାଲିଛି।

ପାରଳାଖେମୁଣ୍ଡି,୨୬।୬(ଗିରିଧାରୀ ପରିଚ୍ଛା)

କାଶୀନଗର ବ୍ଲକ ଅନ୍ତର୍ଗତ ଖାରଡ଼ା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନକରି ଖାରଡା, କିଡିଗାମ, ହାଡ଼ଭାଙ୍ଗି ଓ କେ.ସୀତାପୁର ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ ୬୫ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୩୨, ଗ୍ରାମଭିତ୍ତିକ ସମସ୍ୟା ୩୩ ସେଥି ମଧ୍ୟରୁ ଗୋଟିଏ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ପି.ରାମାରାଓଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ୩୬ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ଆବେଦନର ତୁରନ୍ତ ଫଇସଲା କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ରାସ୍ତା ନିର୍ମାଣ ଲାଗି ମିନିଗାଁବାସୀଙ୍କ ଧାରଣା

ପାରଳାଖେମୁଣ୍ଡି,୨୬।୬(ଗିରିଧାରୀ ପରିଚ୍ଛା)

ଦୀର୍ଘ ବର୍ଷ ହେଲା ରାସ୍ତାଟିଏ ନିର୍ମାଣ ପାଇଁ ବହୁବାର ଗୁହାରୀ କଲେ ମଧ କୌଣସି ସୁଫଳ ନ ମିଳିବାରୁ ସୋମବାର ଗଜପତି ଜିଲା କାଶୀନଗର ମିନିଗାଁବାସୀ ରାସ୍ତାରୋକ କରିଛନ୍ତି। କେ.ସୀତାପୁର ପଞ୍ଚାୟତ ଅନ୍ତର୍ଗତ ମିନିଗାଁଠାରୁ ମିନିଗାଁ ଗୁଡା ପର୍ଯ୍ୟନ୍ତ ପ୍ରାୟ ଦେଢ କିମି ରାସ୍ତା ନିର୍ମାଣ ଦାବିରେ ସକାଳୁ ପାରଳାଖେମୁଣ୍ଡି-କାଶୀନଗର ମୁଖ୍ୟରାସ୍ତାକୁ ଅବରୋଧ କରି ଧାରଣାରେ ବସିଥିଲେ। ହେଲେ ଏହି ରାସ୍ତା ଦେଇ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଜନ ଅଭିଯୋଗ ଶୁଣାଣି କରିବାକୁ କାଶୀନଗର ଯାଉଥିବା ବେଳେ ଆନ୍ଦୋଳନକାରୀମାନେ ତାଙ୍କ ବାଟ ଓଗାଳିଥିଲେ। ତୁରନ୍ତ ରାସ୍ତା ନିର୍ମାଣ ସମସ୍ୟାର ସମାଧାନ ଲାଗି ଆଲୋଚନା କରିଥିଲେ। ଖବର ପାଇ ଏସ୍‌ପି ସ୍ୱାତୀ ଏସ୍. କୁମାର ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ଆସନ୍ତା କାଲିଠାରୁ ନୂତନ ରାସ୍ତା ପାଇଁ ମାପଚୁପ ଆରମ୍ଭ ହେବ ବୋଲି ଜିଲାପାଳ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ତେବେ ଗ୍ରାମବାସୀ ଦୀର୍ଘ ଦୁଇ ଘଣ୍ଟା ଧରି ରାସ୍ତା ରୋକୋ କରିଥିବାରୁ ପାରଳାଖେମୁଣ୍ଡି-କାଶୀନଗର ରାସ୍ତାରେ ଶହ ଶହ ଯାନବାହାନ ଅଟକି ରହିଥିଲା । ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।


ଲୋକମାନେ ରାସ୍ତା ଅବରୋଧ କରିଛନ୍ତି।

# ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୨୬।୬ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ପୂର୍ବତନ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ଜିଲା ପ୍ରଶାସନ ତରଫରୁ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ବର୍ତ୍ତମାନର ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଦୀର୍ଘ ୨ଦୁଇ ବର୍ଷ ଧରି ଜିଲାପାଳ ଭାବେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଆସୁଥିଲେ। ବର୍ତ୍ତମାନ ତାଙ୍କୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଭାବରେ ବଦଳି କରାଯାଇଛି। ସେହିପରି ନୂତନ ଜିଲାପାଳ ପ୍ରଧାନଙ୍କୁ ମଧ ପ୍ରଶାସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ଡିଏଫ୍‌ଓ ଏସ୍.ଆନନ୍ଦ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ରୋମାଞ୍ଚିଳ ଖମାରୀ,ଉପଜିଲାପାଳ ଆଲୋକ କୁମାର ପ୍ରଧାନ, ପ୍ରକଳ୍ପ ପ୍ରଶାସକ, ଅଧିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଫାଲ୍‌ଗୁନୀ ମାଝି, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ପୂର୍ବତନ ୱାର୍ଡ ସଭ୍ୟା

ପୋଲସରା,୨୬।୬(ସୁବ୍ରତ ବେହେରା)

ଜଣେ ମହିଳା ୨୦୨୧୭ରୁ ୨୦୨୨ ଯାଏ ୫ ବର୍ଷ ପାଇଁ ୱାର୍ଡ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ଆଜି ସେ ନିଜେ ଭଙ୍ଗା ଛପର କୁଡିଆରେ ଜୀବନ ବିତାଉଛନ୍ତି। ଏହା ଦେଖିବାକୁ ମିଳିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିଲା ଓ ପୂର୍ବତନ ଶ୍ରମମନ୍ତ୍ରୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଅଞ୍ଚଳରେ। ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡ଼ି ଗ୍ରାମରେ ଦୀର୍ଘ ବର୍ଷ ହେଲା ବସବାସ କରି ଆସୁଥିବା ୬ ନମ୍ବର ୱାର୍ଡର ପୂର୍ବତନ ୱାର୍ଡ ସଭ୍ୟା ଭାଗ୍ୟ ଜାନି (୫୫) ଓ ସ୍ୱାମୀ ସୁଦୁରୁ ଜାନି (୬୦)। ଏହି ପରିବାର କଥା କହିଲେ କେବଳ ଦୁଇ ଜଣ ସ୍ୱାମୀ ସ୍ତ୍ରୀ। ଦିନ ମଜୁରିଆ ଭାବେ କାମ କଲେ ଚଳେ ପରିବାର। ହେଲେ ଦୀର୍ଘ ୩୦ ବର୍ଷ ଧରି ଏହି ଭଙ୍ଗା ଚାଳ କୁଡ଼ିଆ ଘରେ ଜୀବନ ଅତିବାହିତ କରୁଛନ୍ତି ଦୁଇ ଜଣ ସ୍ୱାମୀ ଓ ସ୍ତ୍ରୀ। କିନ୍ତୁ ଜଣେ ବିଜେଡି ସମର୍ଥିତ ପୂର୍ବତନ ୱାର୍ଡ ସଭ୍ୟାଙ୍କ ଦୁଃଖକୁ ଦେଖି ପାରିଲେ ନାହିଁ ରାଜ୍ୟ ସରକାର। ଆବାସ ଗୃହ ଖଣ୍ଡିଏ ପାଇବା ପାଇଁ ବାରମ୍ବାର ବ୍ଲକ ଅଫିସକୁ ଧାଇଁ ଧାଇଁ ନୟାନ୍ତ ହେଲେଣି। କିନ୍ତୁ ତାଙ୍କ ଗୁହାରୀ କେହି ଶୁଣୁ ନାହାନ୍ତି। କେବଳ ସେତିକି ନୁହେଁ ୫ ବର୍ଷ ଧରି ୱାର୍ଡ ସଭ୍ୟା ଭାବେ ନିର୍ବାଚିତ ହୋଇଥିବା ସମୟରେ ତାହାର ମଧ ମାସିକ ଦରମା ମିଳିନଥିବା ସେ କହିଛନ୍ତି। ମୁଁ ତଦନ୍ତ କରି ଦେଖିବା ପରେ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡ଼ା।


ପୂର୍ବତନ ୱାର୍ଡ ସଭ୍ୟା ଭାଗ୍ୟ ଜାନି।

# ତଦନ୍ତ ଚାଲିଥିବାରୁ ମାମଲା ରୁଜୁ କରାଯାଇ ନାହିଁ

## ଓଡ଼ିଶା ଜୀବିକା ମିଶନରେ ଦୁର୍ନୀତୀ ଅଭିଯୋଗ

କାଶୀନଗର,୨୬।୬(ଟି.କ୍ରିଷ୍ଣା ରାଓ)

ଓଡିଶା ଜୀବିକା ମିସନ(ଓଏଲଏମ)ର କାଶୀନଗର ବ୍ଲକ ଅଧୀନରେ କାର୍ଯ୍ୟରତ ଶାଖା ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ ହୋଇଛି। ବ୍ଲକର ୧୨ ପଞ୍ଚାୟତରେ କାମ କରୁଥିବା ପଞ୍ଚାୟତସ୍ତରୀୟ ଫେଡେରେସନ (ଜିପିଏଲଏଫ)ରେ ଅନୁଦାନ ଅର୍ଥ ହେର୍‌ଫେର୍ ହୋଇଥିବା ବେଳେ ଖାଣ୍ଡବା ପଞ୍ଚାୟତରେ ଛତୁ ଚାଷ ପାଇଁ ଆସିଥିବା ଅନୁଦାନ ଏମ୍‌ବି କେ ସବିତା ରାଉଳ ଓ ସିଆର୍‌ପିଆର ସନ୍ଧ୍ୟା ବ୍ୟାଙ୍କରୁ ଉଠାଇ ଦୁଇ ମାସ ହେଲା ନିଜ ପାଖରେ ରଖିଛନ୍ତି ବୋଲି ଫେଡେରେସନର ସଭାପତି, ସମ୍ପାଦିକା ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ସୁଶାନ୍ତ କୁମାର ସାହୁ କହିଛନ୍ତି ଅଭିଯୋଗ ମିଳିଛି। କିନ୍ତୁ ବର୍ତ୍ତମାନ ମାମଲା ରୁଜୁ କରାଯାଇନାହିଁ। କାରଣ ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଉପ ଜଲାପାଳଙ୍କ ତତ୍ୱାବଧାନରେ ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଛି। ସୂଚନା ଯୋଗ୍ୟ, ଗତ ୫ ତାରିଖରେ ଉପଜିଲାପାଳ କାଶୀନଗର ବିଡିଓ କପିଳେଶ୍ୱର ତାଣ୍ଡିଙ୍କୁ ୧୬ ଜୁନରୁ ୧୨ ଜୁଲାଇ ଭିତରେ ସମସ୍ତ ପଞ୍ଚାୟତରେ ତଦନ୍ତ କରାଯିବ ବୋଲି ଜଣାଇଥିଲେ। ତଦନୁଯାୟୀ ୧୬ ତାରିଖରେ ରାଣୀପେଣ୍ଟ ପଞ୍ଚାୟତରେ ତଦନ୍ତ କରାଯାଇଥିଲା। ୧୭ ତାରିଖ ଦିନ ପାର୍ଲଡା ପଞ୍ଚାୟତରେ ତଦନ୍ତ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲେ ବି କୌଣସି କାରଣରୁ ତାହା ହୋଇନାହିଁ। କେ.ସୀତାପୁର ସରପଞ୍ଚ କେ. ତେଜେଶ୍ୱର ରାଓ ଏ ଅବସରରେ ତଦନ୍ତ କାହିଁକି ବନ୍ଦ କରାଗଲା ବୋଲି ପ୍ରଶ୍ନ ଉଠାଇବା ସହ ଗଣମାଧ୍ୟମକୁ ତାଙ୍କ ପଞ୍ଚାୟତରେ ଚାଲିଥିବା ଦୁର୍ନୀତି ସମ୍ପର୍କରେ ଜଣାଇଛନ୍ତି। କହିଛନ୍ତି ଯେ, କେ. ସୀତାପୁର ପଞ୍ଚାୟତର ଜିପିଏଲ୍‌ଏଫରେ ବି ଅନୁଦାନ ଅର୍ଥ ହେରଫେର ହୋଇଛି। ଏମ୍‌ବିକେ ଛୁଟିରେ ଥିବା ବେଳେ ସିଆର୍‌ପି ରିଜୋଲ୍ୟୁସନ ଖାତା ସହ ଏକ ବ୍ଲାଙ୍କ ଚେକ୍‌ରେ ସଭାପତି ସମ୍ପାଦିକାଙ୍କ ଦସ୍ତଖତ ନେଇ କାଶୀନଗର ବିପିଏମ୍ ସମୀର ପାଢ଼ୀଙ୍କୁ ଦେଇଥିଲେ। ଉକ୍ତ ଚେକ ବ୍ୟବହାର କରି ବ୍ୟାଙ୍କରୁ ୧୦ ଲକ୍ଷ ଟଙ୍କା ଉଠାଯାଇଛି। କାହିଁକି ଟଙ୍କା ଉଠାଗଲା ଜଣା ପଡିନଥିବା ବେଳେ ବିପିଏମ୍ ଉଠାଯାଇଥିବା ଟଙ୍କା ଆତ୍ମସାତ କରିଛନ୍ତି ବୋଲି ସରପଞ୍ଚ ଅଭିଯୋଗ ଆଣିଛନ୍ତି। ଯଦି ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ନହୁଏ ତେବେ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ଏଥିସହ ସରପଞ୍ଚ କହିଛନ୍ତି ଦୁର୍ନୀତି ସମ୍ପର୍କରେ ସେ ପ୍ରଥମେ ୩ ଡିସେମ୍ବର ୨୨ରେ ମିସନର ଜିଲା ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଓ ସେହି ମାସ ୧୨ ତାରିଖରେ କାଶୀନଗର ବିଡିଓଙ୍କୁ ଜଣାଇଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଗତ ୧୦ ତାରିଖରେ ୫-ଟି ସଚିବଙ୍କ ଗଜପତି ଗସ୍ତ ବେଳେ ସେ ପୁଣି ଜଣାଇଥିଲେ। କିନ୍ତୁ ଏ ଯାଏ ତଦନ୍ତ ହେଲା ନାହିଁ ।

# ବେପାରୀଙ୍କଠାରୁ ୪ କେଜି ରୁପା ଲୁଟ୍

ପାତ୍ରପୁର, ୨୬।୬(ଉମା ଚରଣ ନେପାକ)

ଜରଡା ଥାନା ଇଲାକା ସାମନ୍ତରାପୁର ଗ୍ରାମରେ ଏକ ରୂପା ବେପାରୀଙ୍କଠାରୁ ଦୁର୍ବୃତ୍ତମାନେ ପ୍ରାୟ ୪କେଜିରୁ ଅଧିକ ରୂପା ଅଳଙ୍କାର ଲୁଟି ନେଇଛନ୍ତି। ବେପାରୀ ଜଣକ ହେଲେ ପାତ୍ରପୁର ଗ୍ରାମର ଭୀମସେନ ସୁବୁଦ୍ଧି। ସେ ସବୁଦିନ ପରି ବ୍ୟବସାୟ ନିମନ୍ତେ ଜରଡା-ତୁମ୍ବା ଅଞ୍ଚଳକୁ ଭୋରରେ ଯାଉଥିବା ବେଳେ କୌଣସି କାରଣ ବସତଃ ସାମନ୍ତରାପୁରଠାରେ ଥିବା ଏକ ନଳକୂପରେ ଗୋଡ ଧୋଇବା ବେଳେ ହଠାତ୍ ଛକି ରହିଥିବା ତିନି ଜଣ ଦୁର୍ବୃର୍ତ୍ତ ବାଇକ୍‌ରେ ଆସି ବେପାରୀଙ୍କ ଗାଡିରେ ଲାଗିଥିବା ରୂପା ବ୍ୟାଗ ଧରି ଚମ୍ପଟ ମାରିଛନ୍ତି । ଲୁଟ ପରେ ଭୀମସେନ ଜରଡା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୧୦/୨୩ ରେ ଏକ ମାମାଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁନିଲ କୁମାର ବେହେରା କହିଛନ୍ତି।

# ଘନଘନ ବିଦ୍ୟୁତ୍ କାଟ, ଜନ ଅସନ୍ତୋଷ

ଦାରିଙ୍ଗବାଡି,୨୬।୬(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ପୂର୍ବରୁ ଫୁଲବାଣୀ ଗ୍ରୀଡ଼ରୁ ଦାରିଙ୍ଗବାଡିକୁ ୩୩କେଭି ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ଏବେ ଜି.ଉଦୟଗିରି ଗ୍ରୀଡରୁ ଦାରିଙ୍ଗବାଡିକୁ ୩୩କେଭି ବିଦ୍ୟୁତ୍ ସଂଯୋଗ ହୋଇଛି। ସେଠାରୁ ୧୧ କେଭି ବିଦ୍ୟୁତ୍ ବିଭିନ୍ନ ପଞ୍ଚାୟତକୁ ସଂଯୋଗ କରାଯାଇଛି । ଏହି ପ୍ରକ୍ରିୟାରେ ସିମନବାଡି ଫିଡ଼ରରେ ଉକ୍ତ ବ୍ଲକର ଶ୍ରୀନିକେତା ସହ ସିମନବାଡି, କିରିକୁଟି, ଡିଲୋରୀ, ଗୁମିକିଆ, ବୁଡ଼ାଗୁଡା, କୋଟଗଡ଼ ବ୍ଲକର ପକାରୀ, ବାଲିଗୁଡ଼ା ବ୍ଲକର ରତୁଙ୍ଗିଆ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇଛି। ତେବେ ଏହି ସବୁ ଅଞ୍ଚଳରେ ଅତି ପୁରୁଣା ତାର, ବିଦ୍ୟୁତ୍ ଖୁଣ୍ଟ, ଅନ୍ୟାନ୍ୟ ସାମଗ୍ରୀଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ବାରମ୍ବାର ଅଚଳ ହେଉଛି। ଗତ ୩ ଦିନ ହେଲା ପ୍ରତି ଘଣ୍ଟାରେ ଏକାଧିକ ଥର ବିଦ୍ୟୁତ୍ କାଟ ହେଉଛି । ଏ ନେଇ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ମତାମତ ମଧରେ କୌଣସି ସାମଞ୍ଜସ୍ୟ ରହୁନାହିଁ। ଦିନରାତି ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସରକାରୀ ଓ ବେସରକାରୀ କାର୍ଯ୍ୟରେ ଅଚଳାବସ୍ଥା ସୃଷ୍ଟି ହେବା ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧା ଉପୁଜୁଛି। ଗତ କିଛିଦିନ ତଳେ ଲୋକେ ବିଦ୍ୟୁତ୍ କାଟ ଯୋଗୁ ଗରମ, ଗୁଳୁଗୁଳିରେ ହଟହଟା ଭୋଗୁଥିବା ବେଳେ ଏବେ ମୌସୁମୀ ଆସିଥିଲେ ସୁଦ୍ଧା ସାମାନ୍ୟ ଗରମ ରହିଛି। ତେବେ ଲୋକେ ବିଦ୍ୟୁତ୍ ସେବା ଠିକ୍ ଭାବେ ନ ପାଇ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହେଉଛି । ସେହିପରି ଦାସିଙ୍ଗବାଡି ଫିଡ଼ରରେ ମଧ ଦାସିଙ୍ଗବାଡି ସମେତ ସୋନପୁର ସିର୍କାବର୍ଗା, ଦାନେକବାଡି, ତାଜୁଙ୍ଗିଆ ପଞ୍ଚାୟତର ସିକରମାହା ଆଦି ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ଦେଖିବାକୁ ମିଳିଛି। ଏହାର ଶୀଘ୍ର ସମାଧାନ କରାଯିବାକୁ ଦାବି ହେଉଛି। କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ କହିଛନ୍ତି ଯେ କେଉଁଠି ଡିସ୍କ ନଷ୍ଟ ହେଉଛି ତ କେଉଁଠି ଜମ୍ପର ଓ ତାର ଛିଣ୍ଡିଯାଉଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶିବପ୍ରସାଦ ନାୟକ କହିଛନ୍ତି, ଦାରିଙ୍ଗବାଡି ସବ୍‌ଷ୍ଟେଶନରେ ଏକ ଟ୍ରାନ୍ସଫର୍ମରରେ ତ୍ରୁଟି ରହିଛି, ତାକୁ ବଦଳାଗଲେ ବାରମ୍ବାର ଟ୍ରିପ୍ ହେବନାହିଁ ବୋଲି କହିଛନ୍ତି।

# ଦୁଇଦିନିଆ ଅଷ୍ଟଦୁର୍ଗ ଅଧିବେଶନ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୨୬।୬(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନିକଟ ମଥୁରା ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପ୍ରାଙ୍ଗଣରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀରେ ଦୁଇଦିନିଆ ଅଷ୍ଟଦୁର୍ଗ ଅଧିବେଶନ ଉଦ୍‌ଯାପନ ଦିବସ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ଓ କବିତା ପାଠ ଉତ୍ସବକୁ ଦକ୍ଷିଣ ଓଡ଼ିଶା ସାହିତ୍ୟ ମହା ସମ୍ମିଳନୀର ମହା ସଚିବ ଦଣ୍ଡପାଣି ମହାପାତ୍ର ଆୟୋଜନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଚକ୍ରଧରପୁର କେରା ରାଜୀବ କୁମାର ସିଂହ ଦେଉ ଉଦ୍‌ଘାଟନ କରିଥିଲେ। କବିତା ପାଠ ଉତ୍ସବକୁ କବି ପ୍ରମୋଦ ରାଉଳ ସଂଯୋଜନା କରିଥିଲେ। ଏହି ଅବସରରେ ଇ ମାହେଶ୍ୱରୀ ଦୋରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଢୌକନ, ମାନପତ୍ର, ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ରଙ୍କନିଧି ବେହେରା, ବୃନ୍ଦାବନ ପ୍ରଧାନ, ତ୍ରିନାଥ ପ୍ରଧାନ, ଗୋକୁଳାନନ୍ଦ ପଣ୍ଡା, ଅରୁଣ କୁମାର ମିଶ୍ର, ପ୍ରଣୟ ପଣ୍ଡା, ନନ୍ଦ କିଶୋର ପ୍ରଧାନ, ଚିନ୍ମୟ କୁମାର ଦାସ, ସୌଭାଗ୍ୟ ମିଶ୍ର, ଗୋଦାବରୀ ସାଠୁଆଙ୍କ ସହ କବି ଓ କବୟିତ୍ରୀ ଯୋଗ ଦେଇଥିଲେ।



ସମ୍ମିଳନୀରେ ସମ୍ବର୍ଦ୍ଧିତ କରାଯାଉଛି।

# ଭୁଶୁଡ଼ିଲା ସୁନ୍ଦରେଶ୍ୱର ପୋଖରୀ ଗାର୍ଡ ୱାଲ୍

## ନିମ୍ନମାନର କାମକୁ ନେଇ ଅସନ୍ତୋଷ

ଛତ୍ରପୁର,୨୬।୬(ସନ୍ତୋଷ ପାଢ଼ୀ )

ସୌନ୍ଦର୍ଯ୍ୟକରଣ ନାଁରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପର ବର୍ଷାରେ ଧୋଇହୋଇ ଭୁଶୁଡି ପଡ଼ିଛି ଗାର୍ଡ ୱାଲ। ଅଧିକ ଲାଭଖୋର ମନୋବୃତ୍ତି ନେଇ ଏଭଳି ଅତି ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବାସୀ କହିଛନ୍ତି। ଏହିଭଳି ଦୃଶ୍ୟ ଛତ୍ରପୁର ବ୍ଲକର ସୁନ୍ଦରପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ଗତ ମାର୍ଚ୍ଚ ଶିବରାତ୍ରିରେ ଏହି ସୌନ୍ଦର୍ଯ୍ୟକରଣ ପୋଖରୀକୁ ଛତ୍ରପୁର ବିଧାୟକ ଉଦ୍‌ଘାଟନ କରିଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ୱାଲ ଭୁଶୁଡି ପଡ଼ିଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ଅନେକ ବିକାଶମୂଳକ କାର୍ଯ୍ୟରେ ଅନିୟମିତତା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଦି ପ୍ରକଳ୍ପରେ ଜେସିବି ସାହାଯ୍ୟରେ କାମ କରାଯାଉଥିବା ନେଇ ବ୍ଲକ ସମିତି ବୈଠକରେ ଖୋଦ ସମିତି ସଭ୍ୟା ସୁଜ୍ଞାନୀ ସେଠୀ ଅଭିଯୋଗ କରିଥିଲେ। ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସେ ନିଜ ଇଚ୍ଛା ମୁତାବକ କାମ ବାଣ୍ଟୁଛନ୍ତି। ସମିତି ସଭ୍ୟାଙ୍କ କିଛି ଗୁରୁତ୍ୱ ରହୁ ନ ଥିବା କହି କ୍ଷୋଭ ପ୍ରକାଶ କରିଥିଲେ।

୨୦୨୧-୨୨ ଆର୍ଥିକ ବର୍ଷରେ ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନର ୬ ଲକ୍ଷ ୫୦ହଜାର ଟଙ୍କାରେ ଏହି ପୋଖରୀ ନିର୍ମାଣ ହୋଇଥିଲା । ଗତ ୩ ଦିନ ଧରି ବର୍ଷା ଯୋଗୁ ଏହି ଗାର୍ଡ ୱାଲ୍‌ଟି ଭୁଶୁଡି ପଡ଼ିଛି। ପଞ୍ଚାୟତର ଅନେକ ଉନ୍ନୟନମୂଳକ କାର୍ଯ୍ୟରେ ଏଭଳି ଦୁର୍ନୀତି ହେଉଛି। ଏଣୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଅଞ୍ଚଳବାସୀ କହିଛନ୍ତି।


ଗାର୍ଡ ୱାଲ୍ ଭୁଶୁଡି ପଡ଼ିଛି।

# ତିନିମୁହାଣି ଶିଳ୍ପାଞ୍ଚଳ ଜମି ଜବରଦଖଲ

■ କରତକଳରେ ଜିଲାର ଶିଳ୍ପ ସୀମିତ ରହିଛି
■ ଯୁବୋଦ୍ୟୋଗୀଙ୍କୁ ମିଳୁନି ପ୍ରୋତ୍ସାହନ

କେନ୍ଦ୍ରାପଡ଼ା, ୨୬।୬(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ନାହିଁ। କ୍ଷୁଦ୍ରଶିଳ୍ପ ପାଇଁ ପ୍ରୋତ୍ସାହନ ମିଳିଲେ ଯୁବୋଦ୍ୟୋଗୀଙ୍କ ମାଧ୍ୟମରେ ଜିଲାର ଆର୍ଥିକ ପ୍ରଗତି ଘଟିବ। ମାତ୍ର ଏହି ଯୁବୋଦ୍ୟୋଗୀଙ୍କୁ ପ୍ରୋତ୍ସାହନ ମିଳିପାରୁ ନ ଥିବାରୁ ହତୋତ୍ସାହିତ ହୋଇ ଜିଲା ବାହାରକୁ କର୍ମ ଅନ୍ୱେଷଣରେ ଯାଉଛନ୍ତି। ଜିଲାରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ (ଇଡ୍‌କୋ) ପକ୍ଷରୁ ତିନିମୁହାଣୀଠାରେ ଜମି ଅଧିଗ୍ରହଣ କରାଯାଇଥିଲା। ସେଠାରେ ଏବେ ଜବରଦଖଲକାରୀଙ୍କ ଭିଡ଼ ଦେଖିବାକୁ ମିଳୁଛି। ଶିଳ୍ପ ସମୃଦ୍ଧି ପାଇଁ ପ୍ରସ୍ତୁତି ହୋଇଥିବା ଯୋଜନା ଅଦ୍ୟାବଧି କରତକଳରେ ସୀମିତ ରହିଛି। ପ୍ରାଥମିକ ଅବସ୍ଥାରେ ଶିଳ୍ପାଞ୍ଚଳ ପାଇଁ ସହରର ତିନିମୁହାଣୀ ଓ ଡେରାବିଶର ଛତାଠାରେ ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ ହୋଇଥିଲା। ଛତାଠାରେ ପଲିଟେକ୍‌ନିକ୍ କଲେଜ ସ୍ଥାପନ ପରେ ଏହି ବ୍ଲକର ବଳଭଦ୍ରପୁରଠାରେ ୭.୭୬୦ ଏକର ପରିମିତ ସ୍ଥାନକୁ ଶିଳ୍ପାଞ୍ଚଳ ଉପଯୋଗୀ କରାଯାଇଥିଲା। ଏହି ସ୍ଥାନର ୪.୮୧୦ ଏକର ଅଞ୍ଚଳରେ ଶିଳ୍ପ ନାମରେ ୧୪ଟି କରତକଳ ଚାଲୁଛି। ଅପରପକ୍ଷରେ ତିନିମୁହାଣୀ ଶିଳ୍ପାଞ୍ଚଳର ବହୁ ଅଂଶ ଜବରଦଖଲକାରୀଙ୍କ କବ୍‌ଜାକୁ ଯାଇଛି। ଅବଶିଷ୍ଟ ଜମି ଜଙ୍ଗଲିଆ ହୋଇ ପଡ଼ିଛି। ଏହି ଶିଳ୍ପାଞ୍ଚଳର ଜମି ଉଦ୍ଧାର ନେଇ ଇଡ୍‌କୋ ଅଥବା ଜିଲା ପ୍ରଶାସନ ବ୍ୟଗ୍ରତା ପ୍ରକାଶ କରୁନାହାନ୍ତି।


ବନ୍ଦ ହୋଇପଡିଥିବା ବଳଦେବଜୀଉ ପାୱାରଲୁମ୍।

ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ କୁହନ୍ତି, ତିନିମୁହାଣୀ ଶିଳ୍ପାଞ୍ଚଳରେ ବଳଦେବଜୀଉ ସର୍ଭିସ୍ ଷ୍ଟେଶନ, କଳିଙ୍ଗ ଉଡ୍ ପ୍ରଡକ୍ଟସ, ବରଦା ଟେକ୍ସଟାଇଲ, ଏସ୍.ଏନ୍. ସାହୁ ଏଣ୍ଡ କୋ, ବଳଦେବଜୀଉ ଅଏଲ ମିଲ୍, ଆଗ୍ରୋ ସର୍ଭିସ୍ ଷ୍ଟେଶନ ଓ ବଳଦେବଜୀଉ ପାୱାରଲୁମ୍ ୱେଭର୍ସ କୋ ଅପରେଟିଭ ସୋସାଇଟି ଆଦି ଥିଲା। ଏଥିରେ ଜିଲାର ବହୁ ବ୍ୟକ୍ତିଙ୍କୁ କର୍ମନିଯୁକ୍ତି ମିଳିବା ସହ ଜିଲାର ଆର୍ଥିକ ପ୍ରଗତିରେ ଶିଳ୍ପଗୁଡ଼ିକ ସହାୟକ ହୋଇଥିଲା। ମାତ୍ର ଏହି ଶିଳ୍ପ ଦୀର୍ଘଦିନ ଧରି ବନ୍ଦ ହୋଇଯାଇଛି। ଶିଳ୍ପାଞ୍ଚଳ ଜମିକୁ କେତେଜଣ ମୁଷ୍ଟିମେୟ ଲୋକ ଜବରଦଖଲକୁ ନେଇଛନ୍ତି। ଏହାର ଉଦ୍ଧାର ସହ ଯୁବୋଦ୍ୟୋଗୀଙ୍କୁ ଏହି ଜମି ଆବଣ୍ଟନ ହେବା କଥା। ଏ ନେଇ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ନୀରବ ରହିଛନ୍ତି। କରତକଳରେ ସୀମିତ ଶିଳ୍ପ ଜିଲାର ଆର୍ଥିକ ବିକାଶକୁ ଆଗେଇନେବା ପାଇଁ ସହାୟକ ନୁହେଁ ବୋଲି ସେ କହିଛନ୍ତି। ଯୁବୋଦ୍ୟୋଗୀ ସୂର୍ଯ୍ୟକାନ୍ତ ମହାନ୍ତି କହିଛନ୍ତି, ଜିଲାରେ ପ୍ଲାଷ୍ଟିକ ସାମଗ୍ରୀର ଚାହିଦା ଅଛି। ଅଳ୍ପ ମୂଲ୍ୟରେ ବୁଲା ବେପାର ମାଧ୍ୟମରେ ସହଜରେ ବ୍ୟବସାୟ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ ସାମଗ୍ରୀ ନିର୍ମାଣ ପାଇଁ ବ୍ୟାଙ୍କ ଓ ଜିଲା ଶିଳ୍ପ କେନ୍ଦ୍ର ସହିତ ଯୋଗାଯୋଗ କରାଯାଇଥିଲା। କାଗଜପତ୍ରର ଅଡୁଆ ଖିଅକୁ ୨ବର୍ଷ ମଧ୍ୟରେ ସଜଡ଼ା ଯାଇପାରିନାହିଁ। ଏପରିକି କେତେକ ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟବସାୟ ବୁଡ଼ିଯିବା ଆଶଙ୍କାକରି ଋଣ ଦେବାକୁ ମନା କରିଛନ୍ତି। ଏ ପରିସ୍ଥିତିରେ ଯୁବବର୍ଗଙ୍କ ଶିଳ୍ପ ପ୍ରତିଷ୍ଠା ସ୍ୱପ୍ନରେ ରହିଯାଉଛି। ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ପ୍ରଦୀପ କୁମାର ଦାଶ କହିଛନ୍ତି, ଜିଲାରେ ଶିଳ୍ପ ପ୍ରତିଷ୍ଠା ହେଲେ ଆର୍ଥିକ ବିକାଶ ସାଙ୍ଗକୁ ପ୍ରଗତି ହୋଇପାରିବ। ଜିଲାରେ ଖଣିଜ ପଦାର୍ଥ ବା ଆବଶ୍ୟକ ମୂଳ ସାମଗ୍ରୀ ନ ଥିଲେ ମଧ୍ୟ ବହୁ ଯୁବକ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ। ଏଠାରେ ଘରୋଇ ଶୀତଳଭଣ୍ଡାରଠାରୁ ଆରମ୍ଭକରି ପେପର ପ୍ଲେଟ୍ ଶିଳ୍ପ ପାଇଁ ଭିତ୍ତିଭୂମି ଅଛି। ଏଥିରେ ବ୍ୟାଙ୍କ ଋଣ ସହ ଇଡ୍‌କୋ ପକ୍ଷରୁ ଶସ୍ତାରେ ଜମି ଯୋଗାଣ ଆବଶ୍ୟକ। ଶିଳ୍ପାଞ୍ଚଳ ଜମି ଜବରଦଖଲ ଆଡ଼କୁ ଗତି କରୁଥିବା ବେଳେ ଏହାର ପୁନରୁଦ୍ଧାର ହେଉନାହିଁ। ଫଳରେ ଆଶାୟୀ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ଜିଲା ବାହାରେ ନିଜର କର୍ମସଂସ୍ଥାନ ଯୋଗାଡ଼ କରୁଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ବ୍ୟାଙ୍କର୍ସ ଓ ଜିଲା ଶିଳ୍ପ କେନ୍ଦ୍ରର ଏକ ସମନ୍ୱୟ ବୈଠକ ହୋଇଛି। ଏଥିରେ ଯୁବ ଶିଳ୍ପୋଦ୍ୟୋଗୀଙ୍କୁ ପ୍ରୋତ୍ସାହନ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲା ପାଟକୁରା କଂଗ୍ରେସ

ପାଟକୁରା,୨୬।୬(ରବୀନ୍ଦ୍ରନାଥ ବାରିକ)

ବିଦ୍ୟୁତ୍ ବିଭାଗ ପକ୍ଷରୁ ଅଘୋଷିତ ବିଜୁଳି କାଟ ସହ ମାତ୍ରାଧିକ ବିଲ୍ ଆଦାୟ ନେଇ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ବିଦ୍ୟୁତ କାଟିବା ଯୋଗୁ ଘରଠାରୁ ବାହାର ପର୍ଯ୍ୟନ୍ତ ନାହିଁ ନ ଥିବା ହରିରାଣ ହେଉଛନ୍ତି। ଏହାର ପ୍ରତିବାଦରେ ଗରଦପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗରଦପୁରଠାରେ ଥିବା ଟାଟା ପାୱାର କମ୍ପାନୀ କାର୍ଯ୍ୟାଳୟକୁ ସୋମବାର ଘେରାଉ କରିବା ସହ ରାଜ୍ୟ ସରକାରଙ୍କ ଉର୍ଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତ। ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡାଙ୍କ ସଭାପତିତ୍ୱରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଯୋଗ ଦେଇ ବିଜୁଳି ବର୍ତ୍ତମାନ ଅତ୍ୟାବଶ୍ୟକୀୟ ହୋଇପଡ଼ିଛି। ହେଲେ ରାଜ୍ୟ ସରକାର ଟାଟା କମ୍ପାନୀ ସହ ହାତ ମିଳାଇ ମୁନାଫା ନେଇ ମାଲାମାଲ ହେଉଛନ୍ତି। ଏପରି ହେଲେ କଂଗ୍ରେସ କର୍ମୀ ବରଦାସ୍ତ କରିବେ ନାହିଁ। ଲୋକେ ପ୍ରଚଣ୍ଡ ଝାଞ୍ଜିରେ ତ୍ରାହି ତ୍ରାହି ଡାକୁଥିଲା ବେଳେ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ସଚିବଙ୍କ କଥାରେ ଉଠବସ ହେଉଛନ୍ତି। ସରକାର ନିଜକୁ ବଳକା ବିଦ୍ୟୁତ ରାଜ୍ୟ କହୁଥିଲା ବେଳେ ପଡ଼ୋଶୀ ରାଜ୍ୟରୁ ବିଜୁଳି କିଣୁଛନ୍ତି। ତେବେ ଯଦି ଏହାର ସମାଧାନ ନ ହୁଏ ତାହା ହେଲେ ଆଗାମୀଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ବରିଷ୍ଠ କଂଗ୍ରେସ ନେତା ସୁବାସ ସାମଲ, ପୂର୍ବତନ ବ୍ଲକ ଅଧକ୍ଷା ମିତା ବେହେରା, ଜିଲା କଂଗ୍ରେସ ଉପସଭାପତି ନିରଞ୍ଜନ ରାଉତ ସମ୍ପାଦକ ଦୟାନିଧି ଜେନା, ସୁଦାମ ବାରିକ, ରମାକାନ୍ତ ସ୍ୱାଇଁ, ସୁରେନ୍ଦ୍ର ବାରିକ, ପ୍ରଦୀପ ଲେଙ୍କା, ଜ୍ୟୋତି ରଞ୍ଜନ ନାୟକ, ବାବାଜୀ ବେହେରାଙ୍କ ସମେତ ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି ଅନନ୍ତ ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ରଘୁନାଥ ଶତପଥୀ, ବିଜୟ ମିଶ୍ର, ଗୋଲକ ବିହାରୀ ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୟାଧର ଜେନା, ଶଙ୍କର୍ଷଣ ମଲ୍ଲିକ, ପ୍ରଫୁଲ୍ଲ ଦାସ, ପ୍ରକାଶ ପରିଜା, ପ୍ରତାପ ଲେଙ୍କାଙ୍କ ସମେତ ବହୁ କଂଗ୍ରେସ କର୍ମୀ ପ୍ରତିବାଦରେ ସାମିଲ ହୋଇ କଂଗ୍ରେସ କାର୍ଯ୍ୟାଳୟ ବନ୍ଧାସାହିଠାରୁ ବାଇକ୍ ରାଲିରେ ଆସିଥିଲେ। ସଭା ପରେ ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି କୁମାର ପାଣି ଧନ୍ୟବାଦ ଦେଇଥିଲେ।


ପ୍ରତିବାଦ ସଭାରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

## ଘରେ ନିଆଁ ଲାଗି ଗାଈ, ବାଛୁରୀ ଜୀବନ୍ତ ଦଗ୍ଧ


ନିଆଁରେ ପୋଡ଼ିଯାଇଥିବା ଗାଈ, ବାଛୁରୀ।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର୨୬।୬
(ପ୍ରଦୀପ୍ତକୁମାରପୃଷ୍ଟି/ଗିରିଜାପ୍ରସାଦସାହୁ)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତ ଅଧୀନ ରାହାଳ ଗ୍ରାମରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟି ଗାଈ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅନ୍ୟ ଏକ ଗାଈ ପୋଡ଼ି ହୋଇ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛି।

ସୂଚନା ଅନୁଯାୟୀ, ସୋମବାର ସକାଳେ ହଠାତ୍ କୌଣସି କାରଣରୁ ରାହାଳ ଗ୍ରାମର ଶରତ କୁମାର ସେଠୀଙ୍କ ଘରେ ନିଆଁ ଲାଗିଯାଇଥିଲା। ଏହି ନିଆଁ ଘରକୁ ଲାଗି ରହିଥିବା ଗୁହାଳକୁ ମାଡ଼ିଯାଇଥିଲା। ଫଳରେ ଗୁହାଳରେ ବନ୍ଧା ହୋଇଥିବା ୩ ଗୋରୁ ବି ପୋଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଗୋଟିଏ ବାଛୁରୀ ଓ ଗାଈ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଅନ୍ୟ ଗାଈଟି ଆହତ ହୋଇଛି। ଏହି ଦୁର୍ଘଟଣାରେ ଶରତ ସେଠୀଙ୍କ ସହିତ ଶ୍ରୀକାନ୍ତ ସେଠୀ, ସୁଶାନ୍ତ କୁମାର ସେଠୀ ଓ ପ୍ରଶାନ୍ତ କୁମାର ସେଠୀଙ୍କ ଘର ମଧ୍ୟ ପୋଡ଼ି ଛାରଖାର ହୋଇଛି। ସ୍ଥାନୀୟ ଗ୍ରାମବାସୀ ଓ ଚଣ୍ଡିଖୋଲ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଆୟତ୍ତ ହେବା ବେଳକୁ ଶରତଙ୍କ ୨ବଖରା ଘର ସମେତ ଗୁହାଳ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଖବର ପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ବିପନ୍ନଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବଟକୃଷ୍ଣ


@ ସଞ୍ଜୟ


@ ସୋନାଲି


@ ଶୁଭମ୍


@ ସ୍ୱସ୍ତିପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଜେସ୍ଥଳି ଜମି ଚିହ୍ନଟ, ରାସ୍ତା ଅବରୋଧ ମୁକ୍ତ ଦାବି

ଭରାଗୋଳ ଗ୍ରାମସ୍ଥିତ ବେଲ ଗୋସାଇଁଙ୍କ ପୀଠ

■ ତହସିଲଦାରଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ତିର୍ତ୍ତୋଲ, ୨୬।୬
(ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଆମ୍ବେରୀ ପଞ୍ଚାୟତ ଭରାଗୋଳ ଗ୍ରାମସ୍ଥିତ ବେଲ ଗୋସାଇଁଙ୍କ ପୀଠର ଜମି ଚିହ୍ନଟ ସହ ଏଠାକୁ ଯାଇଥିବା ରାସ୍ତା ଅବରୋଧ ମୁକ୍ତ କରିବା ପାଇଁ ତିର୍ତ୍ତୋଲ ତହସିଲଦାରଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ସେଥିରେ ଦର୍ଶାଯାଇଛି, ଠାକୁରଙ୍କ ବିଜେସ୍ଥଳୀ ଭରାଗୋଳ ଗ୍ରାମର ଖାତା-ନମ୍ବର ୨୫୫ର ପ୍ଲଟ ନମ୍ବର-୧୬, ୧୭, ୧୮ ଓ ୨୬ ଉପରେ ରହିଛି। ଏହି ଜମି ସମୁଦାୟ ୬୧ ଡେସିମିଲି ହେବ। ଏଥିରୁ କିଛି ଜମି ଜବରଦଖଲ ଥିବା ସହ ପୀଠକୁ ଥିବା ରାସ୍ତା ଅବରୋଧ କରାଯାଇଛି। ଫଳରେ ପୀଠରେ ପର୍ବପର୍ବାଣୀ ସମୟରେ ଶ୍ରଦ୍ଧାଳୁଙ୍କ ଯାତାୟାତରେ ଅସୁବିଧା ହେଉଛି। ରଜ ପର୍ବ ସମୟରେ ପୀଠରେ ଶ୍ରଦ୍ଧାଳୁମାନେ ଯିବାଆସିବାବେଳେ ଜମି ଓ ରାସ୍ତା ଅବରୋଧକାରୀମାନେ ବିବାଦ ସୃଷ୍ଟି କରିଥିଲେ। ଏନେଇ ଗ୍ରାମରେ ବୈଠକ ବସିବା ସହ ଜମି ମାପ ଲାଗି କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ମାପ ସମୟରେ କେତେଜଣ ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟ ରଖି ବାଧା ସୃଷ୍ଟି କରିଥିଲେ। ଏନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ସମାଧାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ନୃସିଂହ ଚରଣ ସେଠୀ, ନୃସିଂହ ମନ୍ତ୍ରୀ, ଅମିତାଭ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ସରୋଜ ସେଠୀ, ଦିଲିପ ସେଠୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଲୋକ ତହସିଲଦାରଙ୍କୁ ଭେଟି ଏହି ଦାବି ଜଣାଇଛନ୍ତି। ଏସମ୍ପର୍କରେ ତହସିଲଦାର ଅମୂଲ୍ୟ କୁମାର ସାହୁ କୁହନ୍ତି, ଏହା ଦେବୋତ୍ତର ସମ୍ପତ୍ତି ହୋଇଥିବାରୁ ସେ ଦେବୋତ୍ତର କମିଶନରଙ୍କ ସହ ପରାମର୍ଶ କରି ଆଗାମୀ ପଦକ୍ଷେପ ନେବେ ବୋଲି କହିଛନ୍ତି।


ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭରାଗୋଳ ଗ୍ରାମବାସୀ ।

## ବଗୁଲିଆ ପୋଖରୀ ସଂରକ୍ଷଣ, ବିକାଶ ନାମରେ ଦୁର୍ନୀତି ଅଭିଯୋଗ

ଆଳି,୨୬।୬ (ବନମାଳୀ ସେନାପତି )

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ନିମନ୍ତେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ଚାଲିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଉନ୍ନୟନମୂଳକ କାର୍ଯ୍ୟ କରା ଯାଉଥିବା ବେଳେ ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତରେ ଏକ ପୋଖରୀର ବିକାଶ ଓ ସରଂକ୍ଷଣ ନାମରେ ଦୁର୍ନୀତି ଅଭିଯୋଗ ହୋଇଛି। ପୋଖରୀଟି ଜଣେ ବ୍ୟକ୍ତିଗତ ଲୋକର ହୋଇଥିବା ବେଳେ ସରକାରୀ ଅଧିକାରୀମାନେ ସେହି ସ୍ଥାନରେ ସରକାରୀ ପ୍ରକଳ୍ପ କରାଇ ଏ ବାବଦରେ ଅର୍ଥ ଉଠାଇ ନେଇଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ମୁତାବକ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତର ବଗୁଲିଆ ପୋଖରୀର ସରଂକ୍ଷଣ ଓ ବିକାଶ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପ୍ରାୟ ୬ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। ଏବେ ଏହି କାର୍ଯ୍ୟ ଶେଷ ହୋଇ ଏ ବାବଦରେ ଥିବା ଅର୍ଥ ରାଶି ଉଠାଇ ନିଆଯାଇଛି। ମାତ୍ର ପୋଖରୀ ଯେଉଁ ଜମିରେ ଖୋଳାଯାଇଛି ସେହି ଜମି ପଞ୍ଚାୟତର ଜଣେ ବ୍ୟକ୍ତିଙ୍କର ବୋଲି ଏବେ ସୂଚନା ମିଳିଛି। ଦୀର୍ଘବର୍ଷ ହେବ ସେହି ବ୍ୟକ୍ତିଙ୍କର ସେହି ସ୍ଥାନରେ ଏକ ଜଳାଶୟ ଥିଲା। କିଛିଦିନ ପୂର୍ବେ ସେହି ଜଳାଶୟର ସଂରକ୍ଷଣ ଓ ବିକାଶ ନିମନ୍ତେ ସରକାରୀ ଯୋଜନାରେ ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ କରାଯାଇଛି। ବ୍ୟକ୍ତିଗତ ସ୍ଥାନରେ କିପରି ସରକାରୀ ଅର୍ଥ ଖର୍ଚ୍ଚ କରାଗଲା ତାହା ପୁଣି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏହାକୁ ନେଇ ଏବେ ସରକାରୀ ଅଧିକାରୀଙ୍କ ଉପରେ ସନ୍ଦେହ ସୃଷ୍ଟି କରିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଖୋଳା ଯାଇଥିବା ବେଳେ ସେଠାରେ ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ସୂଚନା ଫଳକଟିଏ ମଧ୍ୟ ଲଗାଯାଇନାହିଁ। ବିନା ଫଳକରେ ସରକାରୀ ଅର୍ଥ ଖର୍ଚ୍ଚ କରି ବ୍ୟକ୍ତିଗତ ଜମିରେ ପୋଖରୀ ଖୋଳି ଅର୍ଥ ଉଠାଇ ଯାଇ ଉନ୍ନତି ମୂଳକ କାର୍ଯ୍ୟ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ହେଉଛି ତାହା ସ୍ପଷ୍ଟ ବାରି ହୋଇପଡୁଛି।


ବଗୁଲିଆ ପୋଖରୀ ଖନନ କରାଯାଉଛି।

ଏହି ପ୍ରକଳ୍ପର କାର୍ଯ୍ୟାଦେଶ କନିଷ୍ଠଯନ୍ତ୍ରୀ ଶୁଭଦର୍ଶନି ସାହୁଙ୍କ ନାମରେ ଥିବା ବେଳେ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କରାଯାଇଛି। ଏହି କାର୍ଯ୍ୟର ତଦାରଖ ଦାୟିତ୍ୱ ସହକାରୀ ଯନ୍ତ୍ରୀ ଓ ବିଡିଓଙ୍କ ଉପରେ ନ୍ୟସ୍ତ ଥିବା ବେଳେ ଏବେ ଏହି ଦୁର୍ନୀତି ସାମ୍ନାକୁ ଆସିଛି। ଏହା ପରେ ବ୍ଲକ ସହକାରୀ ଯନ୍ତ୍ରୀ ଓ ବିଡିଓଙ୍କ ଭୂମିକା ଉପରେ ସନ୍ଦେହ ସୃଷ୍ଟି କରୁଛି। କାରଣ ପୋଖରୀ ଖୋଳା ଯାଇଥିବା ଜମି ପଞ୍ଚାୟତର ଜଣେ ଲୋକ ନାମରେ ଥିବା ବେଳେ କିଭଳି ଭାବେ ପ୍ରଶାସନିକ ଅଧିକାରୀ ତାହା ତଦନ୍ତ ନ କରି ବିଲ କରି ଦେଲେ ସେ ନେଇ ଅନେକ ସନ୍ଦେହ ସୃଷ୍ଟି କରୁଛି। ଘଟଣାର କେନ୍ଦ୍ରାପଡ଼ା ଜିଲାପାଳ ତଦନ୍ତ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଳି ବିଡିଓ ଦିବେନ୍ଦୁ ଦାସଙ୍କୁ ପଚାରିବାରୁ ଅଭିଯୋଗ ଆସିଛି, ତେଣୁ ସେହି ଜମି ପ୍ରକୃତରେ ବ୍ୟକ୍ତିଗତ କିମ୍ବା ସରକାରୀ ତାହା ଆଳି ତହସିଲ ପକ୍ଷରୁ ରେକର୍ଡ ମଗାଯାଇ ଦେଖାଯିବ। ଯଦି ଏହା ବ୍ୟକ୍ତିଗତ ଜମି ହୋଇଥାଏ ତେବେ ଯେଉଁ ଅର୍ଥ ଖର୍ଚ୍ଚ କରାଯାଇଛି ତାହା ପୁନର୍ବାର ଭରଣ କରାଯିବ ବୋଲି ସେ କହିଛନ୍ତି।

# ନିଶା ନିବାରଣରେ ପୋଲିସ, ଅବକାରୀ ବିଭାଗ ବିଫଳ

■ଟାର୍ଗେଟ ଶେଷ କରି ବାହାବା ସାଉଁଟୁଛନ୍ତି
■ୱାର୍ଡରେ ଚାଲିଛି ବ୍ରାଉନସୁଗାର ବ୍ୟବସାୟ
■ଢାବା, ହୋଟେଲ ଓ ଜଳଖିଆ ଦୋକାନରେ ମିଳୁଛି ମଦ
■ଗଞ୍ଜେଇ ଚାଲାଣ ପାଇଁ ନିରାପଦ ସଡ଼କ ୫୭ ନଂ. ଜାତୀୟ ରାଜପଥ

ନୟାଗଡ଼,୨୬।୬(ଲୋକନାଥ ମିଶ୍ର)

ନିଶା ନିବାରଣରେ ଅବକାରୀ ଓ ପୋଲିସ ବିଭାଗ ବିଫଳ ହୋଇଥିବାରୁ ବ୍ରାଉନସୁଗାର, ନକଲି ଦେଶୀ ଓ ବିଦେଶୀ ମଦ, ଗଞ୍ଜେଇ କାରବାର ପାଇଁ ନୟାଗଡ଼ ଜିଲା ପ୍ରକୃଷ୍ଟ ବଜାର ହୋଇଛି। ନିଶା ବ୍ୟବସାୟୀମାନେ ନିଜର ସାମ୍ରାଜ୍ୟକୁ ବଢ଼ାଇ ଗାଁ ହେଉ କି ସହର ପ୍ରତି ୱାର୍ଡରେ ସେମାନଙ୍କ କାରବାର ଅବାଧରେ ଚଳାଇ ଆସୁଛନ୍ତି। ଅଧିକାଂଶ ସରକାରୀ ବିଦେଶୀ ଓ ଦେଶୀ ମଦ ଦୋକାନରେ ନକଲି ମଦ ବିକ୍ରି ହେଉଥିବା ଅନୁରୂପ ଅଭିଯୋଗ ରହିଛି। ଜିଲାର ଢ଼ାବା, ହୋଟେଲ, ଜଳଖିଆ ଦୋକାନରେ ଅବାଧରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି। ପୁଣି ଫୁଲବାଣୀରୁ ଗଞ୍ଜେଇ ଚାଲାଣ ପାଇଁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ନିରାପଦ ସଡ଼କ ପାଲଟିଛି। ଜାତୀୟ ରାଜପଥରେ ବସ୍, ଟ୍ରକ୍, ବାଇକ, ସ୍କୁଟି, କାର, ଜିପ ଆଦିରେ ଫୁଲବାଣୀରୁ ଗଞ୍ଜେଇ ଆସି ନୟାଗଡ଼ର ଗଳିକନ୍ଦିରେ ବିକ୍ରି ହେଉଛି। ପୁଣି ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧାକୁ ୫୭ ନଂ. ଜାତୀୟ ରାଜପଥରେ ଚାଲାଣ ହେଉଛି। ଏଭଳିସ୍ଥଳେ ପୋଲିସ ହେଉ କି ଅବକାରୀ ବିଭାଗ କର୍ମଚାରୀ ନିଜର ଟାର୍ଗେଟ ଶେଷ କରି ବାହାବା ସାଉଁଟୁଛନ୍ତି। ସେପଟେ ଜିଲାରେ ମଦ, ଗଞ୍ଜେଇ, ବ୍ରାନସୁଗାର ପରି ନିଶା କାରବାର ଉପରେ ଲଗାମ ଦେବାକୁ ଅଣଦେଖା କରୁଛନ୍ତି।

ଅଭିଯୋଗ ଅନୁସାରେ, ନୟାଗଡ଼ ଜିଲା ସଦର ମହକୁମାର ରାଜବଗିଚାରେ ଲାଇସେନ୍ସ ନ ଥାଇ ଦେଶୀ ମଦ କାଉଣ୍ଟର ଚାଲିଛି। ପୁଣି ନୟାଗଡ଼ କେଶରପୁର ରାସ୍ତାରେ କଇଥଗାଡ଼ିଆରେ ଦେଶୀ ମଦ ଭାଟି ଚାଲିଛି। ତ୍ରିନାଥ ଛକର ମିଶନ ଶକ୍ତି ଗୃହ, ଖଣ୍ଡପଡ଼ା ରୋଡର ଆଖଣ୍ଡଳମଣୀ ମନ୍ଦିର ପାଖରେ ଦେଶୀ ମଦ ବିକ୍ରି ହେଉଛି। ଦେଶୀ ମଦ ଭାଟି, ମଦ କାଉଣ୍ଟରଗୁଡ଼ିକ ଜିଲା ଅବକାରୀ କାର୍ଯ୍ୟାଳୟଠାରୁ ମାତ୍ର ୩୦୦ରୁ ୭୦୦ମିଟର ଦୂରତା ଭିତରେ ଅଛି। ଗୋଡ଼ିପଡ଼ାରେ ଫାଣ୍ଡି ସମ୍ମୁଖରେ ନକଲି ମଦ, କଫ ସିରଫ ବିକ୍ରି ହେଉଛି। ପୁଣି ଠିପି ବନ୍ଦ ସରକାରୀ ମଦ ଦୋକାନଗୁଡ଼ିକରେ ଗ୍ରାହକ ମଦ ପିଇ ଆସୁଛନ୍ତି। ରଣପୁର ଥାନାର ସୁନାଖଳାରେ ଚାଲିଛି ବେଆଇନ ବାର। ଠିପି ବନ୍ଦ ମଦ ଦୋକାନର ଲାଇସେନ୍ସରେ ବେଆଇନ ବାର ୫ ବର୍ଷରୁ ଉର୍ଦ୍ଧ୍ୱ ହେଲା ଚାଲି ଆସିଛି। ଢ଼ାବା, ଜଳଖିଆ, ହୋଟେଲରେ ମଦ ପରି ବ୍ୟବସାୟ ହେଉଛି। ମାଛିପଡ଼ା ନିଟକସ୍ଥ ପଲ୍ଲାଶାସନରେ ଅବାଧରେ ଦେଶୀ, ବିଦେଶୀ ମଦର ହୋଲସେଲ ଓ ରିଟେଲ କାଉଣ୍ଟର ବେଆଇନ ଭାବେ ଚାଲିଛି। ମାଦକ ଦ୍ରବ୍ୟର ଅବାଧ କାରବାରକୁ ଲକ୍ଷ୍ୟ କଲେ ଜିଲାରେ ଆଇନଶୃଙ୍ଖଳା ସ୍ଥିତି ବାରି ହୋଇପଡୁଛି। ଚୋରି, ଡକାୟତି, ରାହଜାନି ଓ ବଳାତ୍କାର ବଢ଼ୁଛି। ଏଭଳିସ୍ଥଳେ ସରକାର ଦେଉଥିବା ଟାର୍ଗେଟକୁ ପୂରଣ କରି ଅବକାରୀ ଓ ପୋଲିସ ବିଭାଗ କର୍ମଚାରୀ ପରିସ୍ଥିତି ନିୟନ୍ତ୍ରଣ ରହିଛି ବୋଲି ବାର୍ତ୍ତା ଦେଉଛନ୍ତି। ଏ ନେଇ କିଛି ନିଶାଗ୍ରସ୍ତ ବ୍ୟକ୍ତି କହିଛନ୍ତି, ପୋଲିସ ଓ ଅବକାରୀ ବିଭାଗ ଧରପଗଡ଼କୁ ଭୁଲି ଯାଇଛନ୍ତି। ତେବେ ଟାର୍ଗେଟ ପୂରଣ କରିବାକୁ ଯାଇ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ କରିବାକୁ ବାଧ ହେଉଛନ୍ତି। ନିଜର ସଫଳତା ପାଇଁ ଟାର୍ଗେଟ ପୂରଣ କରିବାକୁ ନିଶା ବ୍ୟବସାୟୀଙ୍କ ସହ ହାତ ମିଶାଇ ଦେଉଥିବାରୁ ଚଢ଼ାଉର ସୁଫଳ ମିଳୁନି। କେତେଜଣ ଛୋଟ ଛୋଟ ବ୍ୟବସାୟୀଙ୍କୁ ଜାଣିଶୁଣି ଗିରଫ କରାଯାଉଛି। ଅନ୍ୟପକ୍ଷେ କେତେଜଣି ଛୋଟ ବ୍ୟବସାୟୀ ଗିରଫ ହେବାକୁ ଭୟ କରୁନାହାନ୍ତି। ସକାଳେ କୋର୍ଟ ଚାଲାଣ ହେଉଥିବାବେଳେ ସନ୍ଧ୍ୟାରେ ଜାମିନ ମିଳୁଥିବାରୁ ବ୍ୟବସାୟୀମାନଙ୍କ ଭୟ ରହୁନି। ସେହିଭଳି ବ୍ରାଉନସୁଗାର ଧରପଗଡ଼ ପାଇଁ ପୋଲିସ ଏକ ସ୍କ୍ୱାର୍ଡ କରିଥିଲା। ସ୍କାର୍ଡର ଚଢ଼ାଉ ମଧ ଦେଢ଼ ବର୍ଷ ହେଲା ନାହିଁ। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ କରୁଣା ଶଙ୍କର ତିୱାରୀଙ୍କୁ ପଚାରିବାରେ ବ୍ରାଉନସୁଗାର, ମଦ, ଗଞ୍ଜେଇ ଧରପଗଡ଼କୁ ତ୍ୱରାନ୍ୱିତ କରାଯାଇଛି। ନିଶା ସେବନ ନ କରିବାକୁ ସଚେତନତା କରାଯାଉଛି। ଆଗାମୀଦିନରେ ଅଧିକ ଚଢ଼ାଉ ହେବ ବୋଲି ସେ କହିଛନ୍ତି। ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କୁ ପଚାରିବାରେ ପୋଲିସ ମଦ, ଗଞ୍ଜେଇ, ବ୍ରାଉନସୁଗାର କାରବାରକୁ ରୋକିବାକୁ ପ୍ରାଧାନ୍ୟ ଦେଇ ଆସୁଛି। ଏଥିପାଇଁ ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଚଢ଼ାଉ କରି ସଫଳତା ପାଉଛି ବୋଲି ସେ କହିଛନ୍ତି।





ଦଶପଲ୍ଲା ପତିତପାବନ ଜୀଉ ପର୍ଶୁରାମ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ନୟାଗଡ଼ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ରାମାବତାର ବେଶ।

## ବାଇକ ଦୁର୍ଘଟଣାରେ ୩ ଆହତ

ବୁଗୁଡ଼ା,୨୬।୬(କାଳି ଚରଣ ଦାଶ)

ବୁଗୁଡ଼ା ଥାନା ଭଗବାନପୁର ଛକରେ ସୋମବାର ବାଇକ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଇକ୍ ଚାଳକଙ୍କୁ ଗୁରୁତର ଅଛନ୍ତି। ଓଡ଼ଗାଁ ଥାନା ବାହାଡ଼ାଝୋଲା ନିକଟ ବେରୁଆଁବାଡ଼ି ଶିଆଳିମାଳ ଗ୍ରାମର ମରୁତ କୁମାର ନାୟକ, ସ୍ତ୍ରୀ ରେଣୁ ନାୟକ ଓ ମରୁତଙ୍କ ମା’ ମାଧୁରୀ ବାଇକ୍ ଯୋଗେ ପୋଲସରା ଯାଉଥିବା ବେଳେ ଭଗବାନପୁର ଛକରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଅନ୍ୟ ଏକ ବାଇକ୍‌କୁ ଧକ୍କା ଦେଇ ପଡିଥିଲେ। ବୁଗୁଡ଼ା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତମାନଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ।

# ନିଶା ଉଜାଡୁଛି ପରିବାର

ଅନ୍ତର୍ଜାତୀୟ ନିଶା ସେବନ, ଅବୈଧ ଚାଲାଣ ନିଷେଧ ଦିବସ




ନିଶା ନିବାରଣ ଲାଗି ବାହାରିଥିବା ସଚେତନତା ଶୋଭାଯାତ୍ରା।

ନୟାଗଡ଼,୨୬।୬(ଲୋକନାଥ ମିଶ୍ର )

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭା କକ୍ଷରେ ସୋମବାର ଅନ୍ତର୍ଜାତୀୟ ନିଶା ସେବନ ଓ ବେଆଇନ ଚାଲାଣ ନିଷେଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲା ଅବକାରୀ ବିଭାଗ ଓ ଜିଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆଦିପତି କଅଁର ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ମୁଖ୍ୟ ଅତିଥି ଓ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ କରୁଣା ଶଙ୍କର ତିୱାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧକାରୀ ସୁରେନ୍ଦ୍ର ସାହୁ, ଡ୍ରଗସ ଇନ୍ସପେକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ କହିଥିଲେ ନିଶା ପରିବାରର ସୁଖ ଶାନ୍ତିକୁ ନଷ୍ଟ କରି ଦେଉଛି। ନିଶା ଖାଉଥିବା ବ୍ୟକ୍ତି ଅଦିନରେ ପ୍ରାଣ ହରାଉଛନ୍ତି। ଏଣୁ ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ସେହିପରି ହୁସେନ ଖାଁ, ରାମଚନ୍ଦ୍ର ରଥ ଜିଲାରେ ଦେଶୀ ଓ ବିଦେଶୀ ମଦ, ଗଞ୍ଜେଇ କାରବାର ବଢ଼ି ଚାଲିଥିବା ନେଇ ଟିପ୍ପଣୀ ଦେଇଥିଲେ। ସଭାକୁ ସଂଯୋଜନା କରିଥିଲେ ସଞ୍ଜୟ ସୁବୁଦ୍ଧି। ଅପରପକ୍ଷେ ସଭା ପୂର୍ବରୁ ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ନୟାଗଡ଼ ଟ୍ରାଫିକ ପର୍ଯ୍ୟନ୍ତ ଯାଇ ସଚେତନତା କରିଥିଲା।

# ଟ୍ରାନ୍ସଫର୍ମର ପୋଡ଼ି, ଅନ୍ଧାରରେ ଗ୍ରାମବାସୀ

ସମାଧାନ ଉଦ୍ଦେଶ୍ୟରେ ତାଲା ପକାଇ କାର୍ଯ୍ୟାଳୟ ଘେରାଉ

ଖଣ୍ଡପଡ଼ା,୨୬।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥ ପ୍ରସାଦର ଦରଦାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ଗତ କାଳବୈଶାଖୀ ସମୟରେ ବିଜୁଳି, ଘଡ଼ଘଡ଼ି ଯୋଗୁ ପୋଡ଼ିଯିବା ଫଳରେ ଶତାଧିକ ଦରଦା ଗ୍ରାମବାସୀ ଆଜକୁ ୬ ଦିନ ହେଲା ଅନ୍ଧାରରେ ରହିଛନ୍ତି। ଗ୍ରାମରେ ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ନିମନ୍ତେ ଗ୍ରାମବାସୀ ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିସିଓଡିଏଲ୍) କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନ ପାଇବା ପରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସୋମବାର ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ (ଟିପିସିଓଡିଏଲ) କାର୍ଯ୍ୟାଳୟରେ ତାଲା ଝୁଲାଇ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦରଦା ଗ୍ରାମରେ ତୁରନ୍ତ ଏକ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଲାଗି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଥିଲେ।

ସୂଚନାଯୋଗ୍ୟ, ଉକ୍ତ ଗ୍ରାମର ୮୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତାଙ୍କ ନିମନ୍ତେ ଏକ ୧୦୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଥିଲା। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା କ୍ରମେ, ଗତ ୨୦ ତାରିଖ ବର୍ଷା ସମୟରେ ଉକ୍ତ ଟ୍ରାନ୍ସଫର୍ମରଟି ପୋଡ଼ି ଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ପାଇବା ପରେ ବିଦ୍ୟୁତ୍ ଉପଖଣ୍ଡ କର୍ମସିଆଲ କନିଷ୍ଠଯନ୍ତ୍ରୀ ଇଂ. ଦିବ୍ୟ ରଞ୍ଜନ ପରିଡା ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ୍ ସମସ୍ୟାର ସମାଧାନ ହେବ ବୋଲି ପରିଡା ପୋଲିସଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ଗ୍ରାମବାସୀ ଧାରଣାରୁ ଓହରି ଯାଇଥିବା ଜଣାପଡ଼ିଛି। ସାମ୍ପ୍ରତିକ ପରିସ୍ଥିତିରେ ଲଗାଣ ବର୍ଷା ଲାଗି ରହିଛି। ବିଦ୍ୟୁତ୍ ସେବାରୁ ବଞ୍ଚିତ ଦରଦା ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି।




ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଦରଦା ଗ୍ରାମବାସୀ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବଟକୃଷ୍ଣ



@ ସଞ୍ଜୟ



@ ସୋନାଲି



@ ଶୁଭମ୍



@ ସ୍ୱସ୍ତିପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଫକୀର ଅତିବୁଧିପାଟଣାର କାଠ କାରିଗର ହରିହର ନାୟକଙ୍କ କାରୁକାର୍ଯ୍ୟ ।



ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ଏନଏସି ହାଇସ୍କୁଲ ସମ୍ମୁଖରେ ରାସ୍ତା ଉପରେ ଷଣ୍ଢ ଓ ଗାଈଙ୍କ ଅବରୋଧ।



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାର୍ଡ ଛାତ ଓ କାନ୍ଥ ନଷ୍ଟ ହୋଇ ପାଣି ଗଳୁଛି। ରୋଗୀଙ୍କ ଜୀବନ ନିରାପଦ ନୁହେଁ।

